# ଜରାଜୀର୍ଣ୍ଣ ଅବସ୍ଥାରେ ବୌଦ୍ଧ କୀର୍ତ୍ତିରାଜି କେଶସ୍ତୂପ

- ଲାଇଟ୍ ବ୍ୟବସ୍ଥା ନାହିଁ
- ମ୍ୟୁଜିୟମକୁ ଯିବାକୁ ରାସ୍ତା ନାହିଁ
- ପ୍ରଶାସନର ଅବହେଳା ଅଭିଯୋଗ

**କାଏମା,୪।୪(ଶିବପ୍ରସାଦ ମହାନ୍ତି):**


ତରାପୁର ପାହାଡ଼ରେ ଥିବା ବୌଦ୍ଧ କୀର୍ତ୍ତିରାଜି।

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଧୀନ ତରାପୁର ପାହାଡ଼ରେ ଥିବା ଅଢ଼େଇହଜାର ବର୍ଷର ବୌଦ୍ଧ କୀର୍ତ୍ତିରାଜି କେଶସ୍ତୂପ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଏଠାରେ ଲାଇଟ ବ୍ୟବସ୍ଥା ନ ଥିବାରୁ ବହୁ ଅସୁବିଧା ହେଉଛି। ଦିନରେ ମଧ୍ୟ ପର୍ଯ୍ୟଟକ ଏଠାକୁ ଆସି ମୁହଁ ବୁଲାଇ ଫେରି ଯାଉଛନ୍ତି। ଜିଲା ପ୍ରଶାସନ ଏବଂ ରାଜନେତାଙ୍କ ଭାଷଣ ଶୁଣିଲେ ଲାଗେ ଯେମିତି ଜିଲାରେ ଥିବା ବୌଦ୍ଧ କୀର୍ତ୍ତିରାଜିଗୁଡ଼ିକ ଉପରେ ସେମାନଙ୍କ ଦୃଷ୍ଟି ରହିଛି। କିନ୍ତୁ ପ୍ରକୃତ ଚିତ୍ର ଦେଖିଲେ ଲାଗୁଛି ଏହା କେବଳ ଭାଷଣରେ ସୀମିତ ହୋଇ ରହିଯାଇଛି।

୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ ପଟରୁ ଯିବା ବାଟରେ ଜାରକା ଛକ ପୂର୍ବରୁ ଥିବା ତରାପୁର ଛକରୁ ମାତ୍ର କିଛି ଦୂରରେ ଏହି ବୌଦ୍ଧ କୀର୍ତ୍ତିରାଜି କେଶସ୍ତୂପ ଅବସ୍ଥିତ। ଏହାର ଚାରିପଟେ ସବୁଜିମା ଭରା ପ୍ରାକୃତିକ ସୌନ୍ଦର୍ଯ୍ୟ ରହିଛି। କୁହାଯାଏ ବୁଦ୍ଧଙ୍କ ୨ ଶିଷ୍ୟ ତପସୁ ଓ ଭଲ୍ଲିକ ବୌଦ୍ଧ ଧର୍ମର ପ୍ରଚାର ପ୍ରସାର ପାଇଁ ଏଠାରେ ବୁଦ୍ଧଙ୍କ ପ୍ରଦତ୍ତ କେଶ ସ୍ଥାପନ କରିଥିଲେ। ଏହି ଦୁଇ ପରମ ଶିଷ୍ୟ ତପସୁ ଓ ଭଲ୍ଲିକଙ୍କ ଉପରେ ଖୁସି ହୋଇ ଭଗବାନ ବୁଦ୍ଧ ସେମାନଙ୍କୁ ନିଜର କେଶ ଓ ନଖଦାନ କରିଥିଲେ। ତରାପୁର ପାହାଡ଼ରେ କେଶ ସ୍ଥାପନ ହୋଇଥିବାବେଳେ ଦେଉଳି ପର୍ବତରେ ନଖ ସ୍ଥାପନ କରାଯାଇଛି। ବିଭିନ୍ନ ସମୟରେ ଏଠାକୁ ବୌଦ୍ଧ ସନ୍ଥ ତପସ୍ୟା ପାଇଁ ଆସୁଥିଲେ ବୋଲି ଗବେଷକ ମତ ଦିଅନ୍ତି। ତେଣୁ ଏହାର ସୁରକ୍ଷା ନିମନ୍ତେ ଇଟାରେ ଏକ ଭାଡ଼ି ନିର୍ମାଣ କରାଯାଇଛି। କିନ୍ତୁ ରକ୍ଷଣବେକ୍ଷଣ ଅଭାବରୁ ତାହା ଭାଙ୍ଗିରୁଜି ଗଲାଣି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଏହି ପୀଠଟି ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। କୌଣସି ସୁରକ୍ଷା ବ୍ୟବସ୍ଥା ନାହିଁ। ଫଳରେ ଏଠାରେ ଅସାମାଜିକ ଯୁବକଙ୍କ ଆସର ମଧ୍ୟ ଜମୁଛି। ଏଥିପାଇଁ ମହିଳାମାନେ ଯିବାକୁ ନିରାପଦ ମନେ କରୁନାହାନ୍ତି। ସେହିପରି ଏଠାରେ ଏକ ମ୍ୟୁଜିୟମ ପ୍ରତିଷ୍ଠା କରାଯାଇଛି। ଏହି ମ୍ୟୁଜିୟମରେ ଧର୍ମଶାଳା ଅଞ୍ଚଳରେ ଥିବା ଲାଙ୍ଗୁଡ଼ି, ଦେଉଳି, କାଏମା ହାତିଆଶୁଣି, ରାଧାନଗର ଆଦି ବୌଦ୍ଧ କୀର୍ତ୍ତିରାଜିସ୍ଥାନରୁ ଅନେକ ସାମଗ୍ରୀ ସଂଗ୍ରହ କରାଯାଇ ରଖାଯାଇଛି। କିନ୍ତୁ ମ୍ୟୁଜିୟମକୁ ଯିବା ପାଇଁ ରାସ୍ତା ନାହିଁ। ସୁରକ୍ଷା ଅଭାବରୁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଲଗାଯାଇଥିବା ସାଇନ ବୋର୍ଡକୁ ଦୁର୍ବୃତ୍ତ ଲୁଟି ନେଇଛନ୍ତି। ଏବେ ସିମେଣ୍ଟ କାନ୍ଥରେ ସାଇନ ବୋର୍ଡ କରାଯାଇ ଲଗାଯାଇଛି। ଉଦୟଗିରି, ଲଳିତଗିରି ଓ ରତ୍ନଗିରି ହୀରକ ତ୍ରିଭୁଜ ଭାବେ ୟୁନିସ୍କୋରେ ସ୍ଥାନ ପାଇବାକୁ ଯାଉଛି। ମାତ୍ର ଧର୍ମଶାଳାରେ ଥିବା ବୌଦ୍ଧ କୀର୍ତ୍ତିରାଜିଗୁଡ଼ିକୁ ପ୍ରଶାସନ ପକ୍ଷରୁ ଅବହେଳା କରାଯାଉଥିବା ଅଭିଯୋଗ ହୋଇଛି। ଫଳରେ ଏହାକୁ ନେଇ ଅଞ୍ଚଳର ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ତୁରନ୍ତ ଜିଲା ପ୍ରଶାସନ ଏଠାରେ ଥିବା ସମସ୍ୟାଗୁଡ଼ିକର ସମାଧାନ କରିବାକୁ ଦାବି ହୋଇଛି।

## ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ସମସ୍ୟା ଜଣାଇଲା ନାଗରିକ କମିଟି

**ବ୍ୟାସନଗର,୪।୪(ପବିତ୍ର ରଞ୍ଜନ ମହାନ୍ତି):**

ରାଜ୍ୟ ସରକାରଙ୍କ ଦ୍ୱାରା ଯାଜପୁର ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦାୟିତ୍ୱ ପାଇଥିବା କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କୁ ଶନିବାର ତାଙ୍କ କାର୍ଯ୍ୟାଳୟଠାରେ ବ୍ୟାସନଗର ନାଗରିକ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ନାଗରିକ କମିଟି ସଭାପତି ହେମନ୍ତ କିଶୋର ସାହୁ, ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ରାଉତ, ଦୁଷ୍ମନ୍ତ ନାୟକ, ହୃଷୀକେଶ ସାହୁ, ଚନ୍ଦ୍ରମଣି ସାମଲ, ଦାମୋଦର ପଣ୍ଡା, ସଦାଶିବ ଦାଶ, ନିରଞ୍ଜନ ଘଡ଼ାଇ ପ୍ରମୁଖ ବିଧାୟକଙ୍କୁ ଭେଟି ଉପଢ୍ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହିତ ବ୍ୟାସନଗର ସହରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିରେ ସ୍ୱରେଜ ବ୍ୟବସ୍ଥା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାଏଲେସିସ ମେଶିନ ଉପଲବ୍ଧ, ଫ୍ଲାଏଓଭରବ୍ରିଜ, ଗଳିପୋଲ କାର୍ଯ୍ୟ ତ୍ୱରାନ୍ୱିତ କରିବା, ସତ୍ୟ ସାଇବାବା ମନ୍ଦିର ପଟ ଲେଭଲ କ୍ରସିଂ ଗେଟ ଉଭୟ ପାର୍ଶ୍ୱ ରାସ୍ତା ଆଲୋକୀକରଣ ସହ ଗେଟ ପଡ଼ିବା ସମୟରେ ଖରାବର୍ଷାରୁ ରକ୍ଷାପାଇଁ ସେଡ ନିର୍ମାଣ କରିବାକୁ ଦାବି କରାଯାଇଛି। ଉକ୍ତ ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ବିଧାୟକ ଗୁରୁତ୍ୱଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।


ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ନାଗରିକ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

## ବାଇକ୍ ଧକ୍କାରେ ଗୁରୁତର ଦମ୍ପତିଙ୍କ ମୃତ୍ୟୁ

**ବିଞ୍ଝାରପୁର,୪।୪(ରାମକୃଷ୍ଣ ଦାସ):**

ଯାଜପୁର ଟାଉନ ଥାନା କପାସି ଛକ ନିକଟରେ ବାଇକ ଓ ସ୍କୁଟି ମୁହାଁମୁହିଁ ଧକ୍କାରେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବା ଦମ୍ପତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବିଞ୍ଝାରପୁର ଥାନା ଅନ୍ତର୍ଗତ କଏଣା-ରଘୁନାଥପୁର ପଞ୍ଚାୟତର ପ୍ରଶାନ୍ତ ବର୍ମା(୬୦)ଓ ତାଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ବର୍ମା(୫୫)। ଏହି ଖବର ପ୍ରଚାରିତ ହେବାପରେ ବିଞ୍ଝାରପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ମାର୍ଚ୍ଚ ୨୮ ଶନିବାର ପୂର୍ବାହ୍ନରେ ପ୍ରଶାନ୍ତ ଓ ଅନ୍ନପୂର୍ଣ୍ଣା ସ୍କୁଟି ଯୋଗେ କୌଣସି କାର୍ଯ୍ୟରେ ଯାଜପୁର ଯାଉଥିଲାବେଳେ ଯାଜପୁର-ସିଂହପୁର ମୁଖ୍ୟରାସ୍ତାର କପାସି ଛକ ନିକଟରେ ସମ୍ମୁଖରୁ ଜଣେ ବାଇକ ଚାଳକ ଆସି ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲେ। ଏହି ଦୁର୍ଘଟଣାରେ ଦମ୍ପତି ରାସ୍ତାରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କଟକ ବଡ଼ ମେଡିକାଲରେ ସେହିଦିନ ପ୍ରଶାନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ଅନ୍ନପୂର୍ଣ୍ଣାଙ୍କ ଶୁକ୍ରବାର ମୃତ୍ୟୁ ହୋଇଥିଲା। ଅନ୍ନପୂର୍ଣ୍ଣା ବିଞ୍ଝାରପୁର ବ୍ଲକ୍ ମିଶନ ଶକ୍ତି ମହିଳା ଫେଡରେଶନର କଏଣା ରଘୁନାଥପୁର ପଞ୍ଚାୟତର ଇସି ସଦସ୍ୟା ଥିଲେ। ତାଙ୍କର ଅକାଳ ମୃତ୍ୟୁରେ ବିଧାୟିକା ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ସରପଞ୍ଚ ନିଶିପ୍ରଭା ଜେନା, ନାରାୟଣ ଚନ୍ଦ୍ର ଜେନା, ସାମାଜିକ କର୍ମୀ କୈଳାସ ସେଠୀ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

## ଧର୍ମଶାଳା ଉପ୍ରା ବିଦ୍ୟାଳୟରେ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ


ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଧର୍ମଶାଳା,୪।୪(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ପ୍ରାଥମିକ ଉପ୍ରା ବିଦ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ଶନିବାର ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ରଥ ପରିକ୍ରମାର ଶୁଭାରମ୍ଭ ହୋଇଛି। ୫ ବର୍ଷ ପିଲା ଶିଶୁ ବାଟିକା ଓ ୬ ବର୍ଷ ପିଲା ପ୍ରଥମ ଶ୍ରେଣୀରେ ନାମଲେଖାଇବା ସହ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ବିଦ୍ୟାଳୟରେ ପିଲାମାନଙ୍କୁ ଖଡ଼ି, ସିଲଟରେ ପ୍ରଥମ ଅତିଥି ଲେଖା ଶିକ୍ଷା ଦେଇଥିଲେ। ଛୋଟ ପିଲାଙ୍କୁ ବ୍ୟାଗ, ସିଲଟ, ଖଡ଼ି, ମିଠା, ଚକଲେଟ ଦେବା ସହ ଶିକ୍ଷା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଅଭୟ କୁମାର ବେହେରା, ବିଡିଓ ଜ୍ୟୋତିର୍ମୟ କର, ତହସିଲଦାର ସମୀର ରଞ୍ଜନ ଦାଶ, ସମାଜିକକର୍ମୀ ମିନତି ସାହୁ, ଉପଶିକ୍ଷା ଅଧିକାରୀ ମମିତା ମହାନ୍ତିଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ରଥକୁ ଉଦ୍‌ଘାଟନ କରିଥିଲେ। ଏହିରଥ ଧର୍ମଶାଳା ବ୍ଲକର ୪୫ ପଞ୍ଚାୟତରେ ପରିକ୍ରମା କରି ସଚେତନତା ସୃଷ୍ଟି କରିବା ସହ ପିଲା କିପରି ବିଦ୍ୟାଳୟରେ ଆସି ନାମ ଲେଖାଇ ପାଠ ପଢ଼ିବେ ତା' ଉପରେ ଗୁରୁତ୍ୱ ଆରୋପ କରିଥିଲେ।

## ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନ କର୍ମକର୍ତ୍ତାଙ୍କ ଶପଥ

**ଚଣ୍ଡିଖୋଲ/ବଡ଼ଚଣା,୪।୪(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):**

ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏଶନର ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ ଉତ୍ସବ ଶନିବାର ଆସୋସିଏଶନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ନିବାଚନ ଅଧିକାରୀ ରେଣୁବାଳା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସବଜଜ୍ ବିଶ୍ୱଦୀପକ ସାହୁ ଯୋଗଦେଇ ନବନିର୍ବାଚିତ କର୍ମକର୍ତ୍ତା ଆସୋସିଏଶନର ଗୌରବ, ପଦମର୍ଯ୍ୟାଦା, ଏକତା, ଭାଇଚାରା ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜେଏମ୍ଏଫସି ଶ୍ରୀମୟୀ ନନ୍ଦ ଯୋଗଦେଇ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ସଭାପତି ଦେବରାଜ ବେହେରା, ଉପସଭାପତି ଜ୍ଞାନେସ ମହାନ୍ତି, ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ, ଯୁଗ୍ମ ସମ୍ପାଦକ ସୁଢ଼ଳ କବି, କୋଷାଧ୍ୟକ୍ଷ ବେବିନା ଓଝା, ସାଂସ୍କୃତିକ ସମ୍ପାଦକ ଦୀନବନ୍ଧୁ ନାୟକ, ପାଠାଗାର ସମ୍ପାଦକ ଇନ୍ଦିରା ପ୍ରିୟଦର୍ଶିନୀ ଜେନା, କାର୍ଯ୍ୟକାରିଣୀ ସଭ୍ୟ ଭାବରେ ଲକ୍ଷ୍ମୀପ୍ରିୟା ବେହେରା, ମାନସୀ ରଥ, ପ୍ରିୟଗୋବିନ୍ଦ ଦାସ, ନିଶିକାନ୍ତ ମଲ୍ଲିକ, ମନିର ମହମ୍ମଦ, ପରମାନନ୍ଦ ସାହୁ ପ୍ରମୁଖ ଶପଥ ପାଠ କରିଥିଲେ। ଏଥିରେ ସହକାରୀ ନିର୍ବାଚନ ଅଧିକାରୀ ସସ୍ମିତ ମହାପାତ୍ର, ଶଶାଙ୍କ ଶେଖର ଶତପଥୀ, ହେମନ୍ତ କୁମାର ମାହାଲା ପ୍ରମୁଖ ଉପସ୍ଥିତ ଥିଲେ। ଆଇନଜୀବୀ ଶରତ ବଳ ଧନ୍ୟବାଦ ଦେଇଥିଲେ।

## ଦାନଗଦି ବ୍ଲକ୍‌ରେ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

**କଳିଙ୍ଗନଗର,୪।୪(ଶୁଭାଶିଷ ରାଉତ):**

ଦାନଗଦି ବ୍ଲକ ଅଧୀନ ଆଶ୍ୱସ୍ତପାଳ ନୋଡାଲ ଉପ୍ରା ବିଦ୍ୟାଳୟରେ ଶନିବାର ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ଓ ଶିକ୍ଷା ସଚେତନ ରଥ ପରିକ୍ରମାର ଶୁଭାରମ୍ଭ ହୋଇଛି। ଶିକ୍ଷାବର୍ଷ ଆରମ୍ଭ ଅବସରରେ ନୂତନ ଛାତ୍ରୀଛାତ୍ରଙ୍କୁ ଫୁଲ, ତିଳକ ଓ ମିଠା ଦିଆଯାଇ ସ୍ୱାଗତ କରାଯାଇଛି। ଶିଶୁମାନେ ପ୍ରଥମଥର ଖଡ଼ି ଧରି ଅକ୍ଷର ଲେଖି ଶିକ୍ଷା ଜୀବନ ଆରମ୍ଭ କରିଥିଲେ। ଏହି ଅବସରରେ ଶିକ୍ଷା ସଚେତନ ରଥ ଗ୍ରାମ ପରିକ୍ରମା କରି ଶିକ୍ଷାର ଗୁରୁତ୍ୱ ବିଷୟରେ ଲୋକଙ୍କୁ ସଚେତନ କରିଥିଲା। ଶିଶୁଙ୍କୁ ବିଦ୍ୟାଳୟମୁଖୀ କରିବା, ନିୟମିତ ଉପସ୍ଥାନ ଓ ଗୁଣାତ୍ମକ ଶିକ୍ଷା ପ୍ରତି ଆକର୍ଷଣ ବଢ଼ାଇବାକୁ ଏହି ରଥ ମାଧ୍ୟମରେ ପ୍ରଚାର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ, ବ୍ଲକ ଶିକ୍ଷା ଅଧିକାରୀ ଶୁଭ୍ରାଂଶୁ ପୁହାଣ, ଶିକ୍ଷୟିତ୍ରୀଶିକ୍ଷକ, ସ୍ଥାନୀୟ ପ୍ରତିନିଧି ଓ ଅଭିଭାବକ ଉପସ୍ଥିତଥିଲେ। ବିଦ୍ୟାଳୟରେ ବିଭିନ୍ନ ସାଙ୍ଗିକ କାର୍ଯ୍ୟକ୍ରମ, ଗୀତ ଓ ଖେଳକୁଦ ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ନନ୍ଦ ଓ ବ୍ଲକ ଶିକ୍ଷାଧିକାରୀ ପୁହାଣ ସଚେତନା ରଥକୁ ଉସଦ୍‌ଘାଟନ କରିଥିଲେ। ଏଥିସହିତ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀ ପିଲାଙ୍କୁ ସ୍କୁଲ ବ୍ୟାଗ କିଟ ବଣ୍ଟନ କରିଥିଲେ।

## ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନ ଦିବସ ଉଦ୍‌ଘାଟିତ



**ଚଣ୍ଡିଖୋଲ,୪।୪(ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଉଦୟଗିରିସ୍ଥିତ କୁମାର ଭାଇଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଜାତୀୟ ଶୋଭନୀୟ ଶିକ୍ଷାଶ୍ରମରେ ଅନ୍ତର୍ଜାତୀୟ ଶୋଭନୀୟ ଆନ୍ଦୋଳନ ଦିବସ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ପକ୍ଷ ବ୍ୟାପୀ କାର୍ଯ୍ୟକ୍ରମକୁ କଳିଙ୍ଗ ହସ୍ପିଟାଲ ଅଧ୍ୟକ୍ଷ ଡା. ଶୀତିକଣ୍ଠ ଦାଶ ଉଦ୍‌ଘାଟନ କରିଥିଲେ। ଏଥିସହିତ ୫୦ ହଜାର ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। ନିର୍ଦ୍ଦେଶିକା ଅରୁନ୍ଧତୀ ଦେବୀ ଆମେ ଯୁଦ୍ଧ ଚାହୁଁନାହୁଁ ଶାନ୍ତି ଚାହୁଁ। ଦେଶଦେଶ ମଧ୍ୟରେ ସାରା ପୃଥିବୀ ଆଜି ଯେଉଁ କ୍ଷତିଗ୍ରସ୍ତ ହେଉଛି ଏହାର ଅନ୍ତ ଘଟୁ ଓ ଅକାଳ ମୃତ୍ୟୁ ନୁହେଁ, ଆମେ ସୁନ୍ଦର ଜୀବନ ଚାହୁଁ ବୋଲି କହିଥିଲେ। ମୃତ୍ୟୁଞ୍ଜୟ ମିଶ୍ର ଓ ବିଜୟା ନନ୍ଦ ଦାଶ ଅତିଥି ଭାବରେ ଯୋଗଦେଇ ଥିଲେ। ଗୁରୁମା ବରଦା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଯୁବକଙ୍କୁ ରାସ୍ତାରୁ ଉଠାଇ ଆଣି କୋର୍ଟଚାଲାଣ

**ପାଣିକୋଇଲି,୪।୪(ବିକାଶ ଚନ୍ଦ୍ର ମଲ୍ଲିକ):**

### ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିଲେ ମା'



ଧର୍ମଶାଳା ପୋଲିସ ମିଥ୍ୟା ମାମଲା ରୁଜୁ କରି ଜଣେ ଯୁବକଙ୍କୁ ରାସ୍ତାରୁ ଉଠାଇ ଆଣି ବଡ଼ଅପରାଧି ଭଳି ପାଣିକୋଇଲି ଥାନାରେ ରଖି କୁଆଖିଆରେ କାଗଜ ପ୍ରସ୍ତୁତ କରି ତାଙ୍କୁ କୋର୍ଟଚାଲାଣ କରିଛି। ତେଣୁ ନ୍ୟାୟ ପାଇଁ ଶନିବାର ଏସ୍‌ପିଙ୍କୁ ଭେଟିଛନ୍ତି ଯୁବକ ପ୍ରଦୋଷ ନାୟକଙ୍କ ମା' ମିନତି ନାୟକ। ଧର୍ମଶାଳା ଥାନା ବାରବାଟୀ ବେତଣ୍ଡା ଗ୍ରାମର ପ୍ରଫୁଲ୍ଲ ନାୟକଙ୍କ ସ୍ତ୍ରୀ ମିନତିଙ୍କ ଅଭିଯୋଗ ମୁତାବକ, ତାଙ୍କ ପୁଅ ପ୍ରଦୋଷ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଜଣେ ବଳିଷ୍ଠ ସହଯୋଗୀ ଭାବେ କାର୍ଯ୍ୟ କରୁଥିଲେ। ପୂର୍ବରୁ ତାଙ୍କୁ ଶାସକ ଦଳର ସମର୍ଥକ ପନ୍ତୁରୀଠାରେ ଆକ୍ରମଣ କରିଥିଲେ। ବିରୋଧୀ ଦଳ ଛାଡି ଶାସକ ଦଳରେ ଯୋଗଦେବାକୁ ପ୍ରଦୋଷଙ୍କ ଉପରେ ଚାପ ପଡୁଥିଲା। କିନ୍ତୁ ସେ ରାଜି ନ ହେବାରୁ ଶେଷରେ ତାଙ୍କ ବିରୋଧରେ ପୋଲିସ ମିଥ୍ୟା ମାମଲା ରୁଜୁ କରିଥିଲା। ଶନିବାର ସେ ଘରୁ ଜାରକା ଯାଉଥିବା ବେଳେ ଧର୍ମଶାଳା ପୋଲିସ ତାଙ୍କୁ ଉଠାଇନେଇଥିଲା। ଖବର ପାଇ ପରିବାର ଲୋକେ ଓ ତାଙ୍କ ସମର୍ଥକ ଧର୍ମଶାଳା ଥାନାରେ ପହଞ୍ଚିଥିଲେ ପ୍ରଦୋଷଙ୍କୁ ପାଇ ନ ଥିଲେ। ପୋଲିସ ପ୍ରଦୋଷଙ୍କୁ ଆଣି ପାଣିକୋଇଲି ଥାନାରେ ରଖିଥିଲା। ଏହାପରେ ତାଙ୍କ ପରିବାର ଓ ପୂର୍ବତନ ବିଧାୟକ ପାଣିକୋଇଲି ଥାନାରେ ପହଞ୍ଚିଥିଲେ ତାଙ୍କ ମା' ଏସ୍‌ପିଙ୍କୁ ଜଣାଇଛନ୍ତି। ଏସପି ୟସ ପ୍ରତାପ ଶ୍ରୀମଲ ଏସଡିପିଓଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ପିଲାଙ୍କ ଶିକ୍ଷାଯାତ୍ରାର ଶୁଭାରମ୍ଭ


ଜେମାଦେଇପୁର ପ୍ରାଥମିକ ବିଦ୍ୟାଳୟରେ ପିଲାଙ୍କୁ ଖଡ଼ି ଛୁଆଁ ଯାଉଛି।

**କାଳିଆପାଣି,୪।୪(ଅସିତ ମହାନ୍ତ):**

ସୁକିନ୍ଦା ବ୍ଲକ୍ ଜେମାଦେଇପୁର ପ୍ରାଥମିକ ବିଦ୍ୟାଳୟର ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ବିବେକାନନ୍ଦ ନାୟକ, ସହକାରୀ ଶିକ୍ଷକ କର ସରେନ, ବିଦ୍ୟାଳୟ ସଭାପତି ସିନ୍ଧୁ ସିଂ ଓ କୁହିକା ସରପଞ୍ଚ ଲକ୍ଷ୍ମୀ ବୋଲୁଉଳି ଉପସ୍ଥିତଥିଲେ। ନୂତନଭାବେ ବିଦ୍ୟାଳୟରେ ପ୍ରବେଶ କରୁଥିବା ଛାତ୍ରୀଛାତ୍ରଙ୍କୁ ଫୁଲ ଓ ଚନ୍ଦନ ଦ୍ୱାରା ସ୍ୱାଗତ କରାଯାଇଥିଲା। ସେମାନଙ୍କୁ ସିଲଟ, ଖଡ଼ି, ବର୍ଣ୍ଣବୋଧ ବହି ଓ ବ୍ୟାଗ ପ୍ରଦାନ କରାଯାଇ ସେମାନଙ୍କ ଶିକ୍ଷାଯାତ୍ରାର ଶୁଭାରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମରେ କମିଟିର ସଭ୍ୟାସଭ୍ୟା, ଅଭିଭାବକ ଓ ଗ୍ରାମବାସୀ ଯୋଗ ଦେଇଥିଲେ। ସେହିପରି ଚଢ଼େଇରଗଡ଼ା ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଅନୁଷ୍ଠିତ ହୋଇଥିଲା। ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନୂତନ ଭାବରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯିବା ସହ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟରେ ଖୋଲାଯାଇଥିବା ଖେଳ ପସରା, ରଙ୍ଗ ଦୁନିଆ, ଗପରାଇଜ ଷ୍ଟଲକୁ ଛାତ୍ରୀଛାତ୍ରଙ୍କୁ ପରିଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ସାଲମୋହନ କାଣ୍ଡୁଲନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ଟାଟାଷ୍ଟିଲ ଫାଉଣ୍ଡେଶନର ସିଏଫ୍ ଶିବପ୍ରସାଦ ବେହେରା, ସମ୍ମାନିତ ଅତିଥି ଭାବେ ପିସିଏମ ଉପେନ୍ଦ୍ର ଦାସ, ପରିଚାଳନା କମିଟି ଉପସଭାପତି ପଙ୍କଜିନୀ ମହାନ୍ତ ଓ ସଭ୍ୟା ଭାରତୀ ଦେହୁରୀ ଯୋଗ ଦେଇଥିଲେ। ବିଦ୍ୟାଳୟକୁ ବିଭିନ୍ନ ହସ୍ତକଳା ପ୍ରଦାନ କରିଥିବା ଅଭିଭାବକ ମାଳତୀ ଦେହୁରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷକ ପ୍ରେମାନନ୍ଦ ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସବିତା ମହାନ୍ତ, ମାହି ମାରାଣ୍ଡି, ଜହ୍ନ ଦେହୁରୀ, ଶକୁନ୍ତଳା ମହାନ୍ତ, ଚନ୍ଦ୍ରାବତୀ ପାତ୍ର, ଶିକ୍ଷକ ଅଶୋକ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ସଚ୍ଚି ରାଉତଙ୍କ ଶ୍ରାଦ୍ଧବାର୍ଷିକୀ

**ବଡ଼ଚଣା,୪।୪ (ଦିଲୀପ କୁମାର ମହାନ୍ତି):**

ଗୋଆ ମୁକ୍ତି ଆନ୍ଦୋଳନର ସ୍ୱାଧୀନତା ସଂଗ୍ରାମୀ ବଡ଼ଚଣା ବ୍ଲକ୍ ପାରିଆ ପଞ୍ଚାୟତ ବରୁଣିଆ ଗ୍ରାମର ସଚ୍ଚି ରାଉତଙ୍କ ୪୦ତମ ଶ୍ରାଦ୍ଧ ବାର୍ଷିକୀ ବରୁଣିଆ ସଚ୍ଚିଦାନନ୍ଦ ପାଠାଗାର ଆନୁକୂଲ୍ୟରେ ଶନିବାର ପାଳିତ ହୋଇଯାଇଛି। ପୀତବାସ ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିଚାରଣ ସଭାରେ ସାମାଜିକ କର୍ମୀ ପ୍ରମୋଦ ପ୍ରଧାନ, ଅମୂଲ୍ୟ ଲେଙ୍କା, ସରୋଜ ଲେଙ୍କା, ଦିଲୀପ ତ୍ରିପାଠୀ, ସନାତନ ଲେଙ୍କା, ଶୁଭ୍ରକାନ୍ତ ପ୍ରଧାନ, ପ୍ରଦୀପ୍ତ ପ୍ରଧାନ, ନେତ୍ରାନନ୍ଦ ପ୍ରଧାନ, ଭ୍ରମରବର ଦେଉରି, ମୁରଲୀ ସ୍ୱାଇଁ କପିଳ ସାହୁ ଓ ମାନସ ରାଉତ ପ୍ରମୁଖ ଯୋଗଦେଇ ରାଉତଙ୍କ ସ୍ମୃତିଚାରଣ କରିଥିଲେ। ପୁଅଶକ୍ତିରଞ୍ଜନ ରାଉତ ଓ ନଳିନୀକାନ୍ତ ରାଉତ କୃତଜ୍ଞତା ଜ୍ଞାପନ କରିଥିଲେ।

## ଓଡ଼ିଆ ଅସ୍ମିତାକୁ ସମୃଦ୍ଧକରିବା ପାଇଁ ଆହ୍ୱାନ

### ଗୋକର୍ଣ୍ଣିକା ସାହିତ୍ୟ ସମାଜର ଓଡ଼ିଆ ପକ୍ଷ ପାଳିତ

**ଧର୍ମଶାଳା,୪।୪(ବଟକୃଷ୍ଣ ପରିଡ଼ା):**


ଓଡ଼ିଆ ପକ୍ଷ ପାଳନ ଅବସରରେ ମଞ୍ଚାସୀନ ଅତିଥି।

ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ଶନିବାର ଜାରକାଠାରେ ଓଡ଼ିଆ ପକ୍ଷ-୨୦୨୬ ପାଳିତ ହୋଇଟାଇଛି। ଏହି ଅବସରରେ ଗୋକର୍ଣ୍ଣିକା ସାହିତ୍ୟ ସମାଜ କାର୍ଯ୍ୟାଳୟଠାରେ ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ଏହିସଭାରେ ମୁଖ୍ୟଅତିଥି ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପ୍ରଫେସର ବିଜୟ କୁମାର ଶତପଥୀ ଯୋଗଦେଇ ଓଡ଼ିଆ ଭାଷାକୁ ବ୍ୟାପକ ଏବଂ ଓଡ଼ିଆ ଅସ୍ମିତାକୁ ସମୃଦ୍ଧ କରିବା ପାଇଁ ଆହ୍ୱାନ ଦେଇଥିଲେ। ସଭାରେ ଡ. ମହେଶ୍ୱର ପାଢ଼ୀ, ସୁନାକର ସାହୁ, ବ୍ରଜକିଶୋର ଦାଶ, ସଂଗ୍ରାମ କେଶରୀ ଜେନା, ଡ. ଇନ୍ଦୁପ୍ରଭା ସାମଲ, ସନ୍ତୋଷ ବେହେରା, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଅନେକ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ଯୋଗଦେଇ ଧର୍ମଶାଳା ଅଞ୍ଚଳରେ ଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକର ନାମଫଳକ ଓଡ଼ିଆ ଭାଷାରେ ନିର୍ଭୁଲ ଓ ସ୍ପଷ୍ଟ ଭାବରେ ଲେଖିବାକୁ ଗୁରୁତ୍ୱାରୋପ କରିଥିଲେ। ଏଥିପାଇଁ ଜାରକା ବଜାରରେ ଏକ ସଚେତନତା ଅଭିଯାନ ପଦଯାତ୍ରା କରାଯାଇଥିଲା। ଅଧାପକ ବିଜୟ ନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ହୃଷୀକେଶ ସାମଲ ଧନ୍ୟବାଦ ଦେଇଥିଲେ।

# ବିପଦ ସୃଷ୍ଟି କରୁଛି ବେଆଇନ ହୋର୍ଡିଂ

■ ଗେଟ୍ ପଡ଼ି ଅଳ୍ପକେ ବର୍ତ୍ତିଲା ଅଟୋ, ରାସ୍ତା ଅବରୋଧ
■ ନିୟମକୁ ଫୁଁ କରି ସହରର ଗଳିକନ୍ଦିରେ ବଡ଼ ବଡ଼ ବିଜ୍ଞାପନ
■ ସବୁ ଦେଖି ପୌର ପ୍ରଶାସନ ନୀରବ, ରାଜସ୍ୱହାନି

ପଟ୍ଟାମୁଣ୍ଡାଇ, ୪।୪ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଅସୁରକ୍ଷିତ ଏବଂ ବେଆଇନ ହୋର୍ଡିଂ ବିପଦ ସୃଷ୍ଟି କରୁଛି। ଶନିବାର ପୂର୍ବାହ୍ନରେ ବକ୍ସାରପୁର ଛକ ବିଦ୍ୟାଳୟ ନିକଟରେ ଏକ ହୋର୍ଡିଂ ଭାଙ୍ଗି ରାସ୍ତା ଉପରେ ପଡ଼ିଯାଇଥିଲା। ଏଥିରେ ଜଣେ ଅଟୋଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲେ। କିଛି ସମୟ ପାଇଁ ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପବନ ହେଲେ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ଛୋଟ, ବଡ଼ ହୋର୍ଡିଂଗୁଡ଼ିକ ଉଡ଼ି ଏଣେତେଣେ ପଡୁଥିବାରୁ ଯାତାୟାତ ଅସୁରକ୍ଷିତ ହୋଇପଡ଼ିଛି। ଏଣୁ ବେଆଇନ ହୋର୍ଡିଂ ଉଚ୍ଛେଦ କରିବା ସହିତ ବେଆଇନ ବିଜ୍ଞାପନ ଉପରେ କଟକଣା ଲାଗୁ କରିବାକୁ ସାଧାରଣରେ ଦାବି ହେଉଛି।

ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ବ୍ୟସ୍ତବହୁଳ ରାସ୍ତାରେ ବିନା ଅନୁମତିରେ ବେଆଇନ ହୋର୍ଡିଂ ବର୍ଷବର୍ଷ ଧରି ଲାଗିରହୁଛି। ବାଇପାସ ମୁଖ୍ୟ କଟକ-ଚାନ୍ଦବାଲି ରାସ୍ତା ଉପରେ ବିପଦସଙ୍କୁଳ ଭାବେ ବର୍ଷବର୍ଷ ଧରି ଏକ ଗେଟ୍ ପୋତା ହୋଇଛି; ଯାହା ପୌର ନିୟମକୁ ଫୁଁ କରି ଏହି ଅଭିନନ୍ଦନ ବୋର୍ଡ ଲଗାଯାଇଛି। ଯାହାକୁ ପୌର କର୍ତ୍ତୃପକ୍ଷ ମୁହଁ ଖୋଲିବାକୁ ଭୟ କରୁଛନ୍ତି। କାଳବୈଶାଖୀ ବର୍ଷା ପବନ ପାଇଁ ରାସ୍ତାରେ ଯାଉଥିବା ପଥଚାରୀଙ୍କ ପାଇଁ ଏହା ବିପଦ ସୃଷ୍ଟି କରୁଛି। ସେହିପରି ସହରର ଗଳିକନ୍ଦିରେ ବଡ଼ ବଡ଼ ବିଜ୍ଞାପନ ଛାଇଯାଇଛି। ଏଥିପାଇଁ ପୌରପାଳିକା ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଥିବା ବେଳେ କର୍ତ୍ତୃପକ୍ଷ ସବୁ ଜାଣିଶୁଣି ଚୁପ୍ ବସିଛନ୍ତି। ଓଡ଼ିଶା ସରକାରଙ୍କ 'ଆଡ୍‌ଭର୍ଟାଇଜମେଣ୍ଟ ପଲିସି' ଅନୁସାରେ ହୋର୍ଡିଂ ଲଗାଇବା ପାଇଁ କଡ଼ା ନିୟମ ରହିଛି। ହେଲେ ପଟ୍ଟାମୁଣ୍ଡାଇରେ ଏହି ନିୟମର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳିଛି। ଆଇନଜୀବୀ ଶତ୍ରୁଜିତ ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ସହରରେ ଅନେକ ସ୍ଥାନରେ ବେଆଇନ ହୋର୍ଡିଂ ଲାଗି ରହିଛି। କାଳବୈଶାଖୀ ପବନରେ ଏଗୁଡ଼ିକ ରାସ୍ତାରେ ପଡ଼ି ବିପଦ ସୃଷ୍ଟି କରୁଛି। ଏହି ବେଆଇନ ହୋର୍ଡିଂକୁ ଉଚ୍ଛେଦ କରିବା ପାଇଁ ପ୍ରଶାସନ ଦ୍ୱାରା ଅଭିଯାନ ଜାରି ରହିଥିବା ବର୍ଷବର୍ଷ ଧରି ପୌର କର୍ତ୍ତୃପକ୍ଷ କହି ଚାଲିଛନ୍ତି। ମାତ୍ର ବିଜ୍ଞାପନ, ଅଭିନନ୍ଦନ ହୋର୍ଡିଂ ସେହିପରି ଲାଗି ରହିଛି, ଯାହା ପୌର ପ୍ରଶାସନର କାର୍ଯ୍ୟରେ ଅବହେଳା ପରି ଲାଗୁଛି। ଜନସାଧାରଣଙ୍କ କର ଅର୍ଥରେ ଦରମା ନେଉଥିବା କର୍ତ୍ତୃପକ୍ଷ କାର୍ଯ୍ୟରେ ଅବହେଳା କରି ଲୋକଙ୍କୁ ବିପଦ ମୁହଁକୁ ଠେଲି ଦେଉଛନ୍ତି। ବୁଦ୍ଧିଜୀବୀ ଅକ୍ଷୟ ସାହୁ କହିଛନ୍ତି, ହସ୍ପିଟାଲ, ମନ୍ଦିର ଓ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ, ରାସ୍ତା ଡିଭାଇଡର ଏବଂ ବିଦ୍ୟୁତ୍ ଖୁଣ୍ଟରେ, ମୁଖ୍ୟ ରାସ୍ତାଠାରୁ ଅନ୍ୟୂନ ୧୦୦ ମିଟର ଦୂରତାରେ ହୋର୍ଡିଂ ଲଗାଇବା ନିୟମ ଥିଲାବେଳେ ପଟ୍ଟାମୁଣ୍ଡାଇ ସହର ଆଖପାଖ ଅଞ୍ଚଳରେ ସବୁ ନିୟମ ଉଲ୍ଲଂଘନ ହେଉଛି। ବେଆଇନ ହୋର୍ଡିଂ ଉଚ୍ଛେଦ କରିବାକୁ ପୌରପାଳିକା ପାଖରେ କ୍ଷମତା ଥିଲେ ବି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏହା ପୌରପାଳିକାର ଆର୍ଥିକ ମେରୁଦଣ୍ଡକୁ ଦୁର୍ବଳ କରୁଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ବିଜ୍ଞାପନ ଯେତେ ଲାଗିଛି ତାହା ପାଖାପାଖି ୨୫ରୁ ୩୦ ଲକ୍ଷ ରାଜସ୍ୱ ଆଦାୟ ହେବା କଥା। ମାତ୍ର ୨୦୨୪-୨୫ ଆର୍ଥିକ ବର୍ଷରେ ୩୫ ହଜାର କର ଆଦାୟ ହୋଇଥିଲା ବୋଲି ପୌର କର୍ତ୍ତୃପକ୍ଷ କହିଛନ୍ତି। ହେଲେ ଯେତେ ବେଆଇନ ବିଜ୍ଞାପନ ଲାଗିଛି ତାହାର ହେଉଥିବା ରାଜସ୍ୱ କ୍ଷତି କିଏ ଭରିବ ଓ କାହା ଛତ୍ରଛାୟାରେ କର୍ତ୍ତୃପକ୍ଷ ଅସୁରକ୍ଷିତ ହୋର୍ଡିଂ ହଟାଉନାହାନ୍ତି, ଦୁର୍ଘଟଣା ହେଲେ କିଏ ଦାୟୀ ରହିବ ଆଲୋଚନା ଜୋର ଧରିଛି। ପୌରପାଳିକାର ଢିଲା ମନୋବୃତ୍ତି ପାଇଁ ସହରର ସୌନ୍ଦର୍ଯ୍ୟ ନଷ୍ଟ ହେବାସହ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ଏ ନେଇ ପୌର ନିର୍ବାହୀ ଅଧିକାରୀ ରଞ୍ଜନ ଦାଶଙ୍କୁ ପଚାରିବାରେ ଖବର ମିଳିଛି ଏକ ଗେଟ ଭାଙ୍ଗି ରାସ୍ତାରେ ପଡିଛି। ବେଆଇନ ହୋର୍ଡିଂ ବିଜ୍ଞାପନ ଖୁବ୍‌ଶୀଘ୍ର ଉଚ୍ଛେଦ କରାଯିବା ସହ ଜରିମାନା ଅସୁଲ ହେବ ବୋଲି ସେ କହିଛନ୍ତି।


ହୋର୍ଡିଂ ଭାଙ୍ଗି ରାସ୍ତା ଉପରେ ପଡ଼ିଛି।

# ଆଳିରେ ଖଡ଼ିଛୁଆଁ ଉତ୍ସବ


ଅତିଥିଙ୍କ ସହ ଛାତ୍ରୀଛାତ୍ର ।

ଆଳି,୪।୪(ବନମାଳୀ ସେନାପତି)

ଆଳି ବ୍ଲକସ୍ତରରେ ଓ ବିଭିନ୍ନ ବିଦ୍ୟାଳୟରେ ଖଡ଼ିଛୁଆଁ ଉତ୍ସବ ପାଳିତ ହୋଇଛି। ଆଳିର ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନ ଶରତ କୁମାର ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ପାଳନ ହୋଇଛି। ବିଦ୍ୟାଳୟ ପକ୍ଷରୁ ଏକ ଶିକ୍ଷା ସଚେତନତା ରଥ ପ୍ରସ୍ତୁତି କରାଯାଇଥିଲା। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମଲ୍ଲିକ ପୂଜାର୍ଚ୍ଚନା କରି ନିକଟସ୍ଥ ଗ୍ରାମଗୁଡିକ ପରିକ୍ରମା କରାଇଥିଲେ। ବରିଷ୍ଠ ଶିକ୍ଷକ ଶିବପ୍ରସାଦ ସାହୁ, ପ୍ରକାଶ କୁମାର ନାୟକ ଓ ରବୀନ୍ଦ୍ର ବାରିକ ପ୍ରମୁଖ ଏହି ରଥ ସହିତ ଯାଇ ଗ୍ରାମ ଗୁଡିକରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମ ଆଗାମୀ ୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ପ୍ରଧାନ ଶିକ୍ଷକ ସୂଚନା ଦେଇଛନ୍ତି।

ସେହିପରି ନିଆଳ ସ୍ଥିତ ସହଦେବ ନୋଡାଲ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଖଡ଼ିଛୁଆଁ ଉତ୍ସବ ଶନିବାର ପାଳନ କରାଯାଇଛି । ଅତିଥିଭାବେ ଆଳି ବ୍ଲକ ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀ, ତହସିଲଦାର ସୁମନ ଘୋଷ, ବ୍ଲକ ଶିକ୍ଷା ଅଧିକାରୀ ରତିକାନ୍ତ ସେନାପତି, କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି ପ୍ରମୁଖ ଯୋଗ ଦେଇ ଖଡ଼ିଛୁଆଁ ଉତ୍ସବ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ର ଅଭିଭାବକ ଶିକ୍ଷକ ଓ ସିଆରସିସିଙ୍କ ସହ ଭାବ ବିନିମୟ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବରାଜ ନାୟକ ଉତ୍ସବ ପରିଚାଳନା କରିଥିଲେ। ସେହିପରି ଆଳି ହାଇସ୍କୁଲରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଳି ସରସ୍ୱତୀ ଶିଶୁ ବିଦ୍ୟାଳୟ ମନ୍ଦିରରେ ବିଦ୍ୟାରମ୍ଭ ଯଜ୍ଞ ଓ ପ୍ରବେଶ ଉତ୍ସବ ପାଳିତ ହୋଇଛି।

## କାଳବୈଶାଖୀ ତାଣ୍ଡବ
### ଗଛଡାଳ ପଡ଼ି ଜଣେ, ବଜ୍ରପାତରେ ଜଣେ ଗୁରୁତର

ଆଳି,୪।୪(ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଅଞ୍ଚଳରେ ଅପରାହ୍ନରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି । ଦିନ ସମୟରେ ୪୦ ଡିଗ୍ରୀ ଢ଼ହଢ଼ ତାତିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଥିବା ବେଳେ ଅପରାହ୍ନରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଥିଲା । ପ୍ରବଳ ବର୍ଷା ସହିତ କୁଆପଥର, ବିଜୁଳି ଘଡଘଡି ମାରି ପ୍ରାୟ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ତାଣ୍ଡବ ରଚିଥିଲା । ପ୍ରବଳ ବର୍ଷା ପବନ ଯୋଗୁ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗିବା ସହିତ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡିଥିବାରୁ ବିଭିନ୍ନ ରାସ୍ତାଘାଟ ବନ୍ଦ ହେବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଏହି ସମୟରେ ବଜ୍ରପାତ ଯୋଗୁ ସଂସିଧା ମଙ୍ଗରାଜପୁର ଭେଡାରେ ଜଣେ ମଇଁଷି ଚରାଳି ଗୁରୁତର ହୋଇ ପ୍ରଥମେ ଆଳି ଓ ପରେ କେନ୍ଦ୍ରାପଡ଼ା ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର ହୋଇଛନ୍ତି । ବଜ୍ରପାତରେ ଆହତ ବ୍ୟକ୍ତି ହେଉଛନ୍ତି ଚାନ୍ଦବାଲି ବ୍ଲକ ହଟପୁର ଗ୍ରାମର ମାନସ ନାୟକ । ମାନସ ଗତ କିଛିଦିନ ହେବ ଚାନ୍ଦବାଲିରୁ ଆସି ସଂସିଧା ମଙ୍ଗରାଜପୁରରେ ରହି ମଇଁଷି ରଖୁଥିଲେ । ମଇଁଷି ଚରାଇବା ସମୟରେ ଶନିବାର ଅପରାହ୍ନରେ ବଜ୍ରପାତ ଯୋଗୁ ସେ ଆହତ ହୋଇଛନ୍ତି । ସେହିପରି ମଙ୍ଗରାଜପୁର ଗ୍ରାମର ଉମାକାନ୍ତ ଦାସ (୫୦)ଙ୍କ ଉପରେ ଗଛଡାଳ ଖସି ସେ ଆହତ ହୋଇ କେନ୍ଦ୍ରାପଡ଼ା ମେଡିକାଲରେ ଚିକିତ୍ସାଧିନ ଅଛନ୍ତି । ଖବର ଲେଖା ହେବା ପର୍ଯ୍ୟନ୍ତ ଆଳିରେ ବିଦ୍ୟୁତ ସରବରାହ ବନ୍ଦ ହୋଇଯାଇଛି ।

# ମାଟିବଂଶ ପକ୍ଷରୁ ସମୂହ ବ୍ରତୋପନୟନ


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

କେନ୍ଦ୍ରାପଡ଼ା,୪।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ସହର ଟାଉନ୍ ବଳରାମପୁରସ୍ଥ ସ୍ୱପ୍ନେଶ୍ୱର ମହାଦେବ ପୀଠ ପରିସରରେ ରାଜ୍ୟସ୍ତରୀୟ ସମୂହ ବ୍ରତୋପନୟନ ଶନିବାର ଅନୁଷ୍ଠିତ ହୋଇଯାଇଛି। ମାଟିବଂଶ ଅବଧାନ ସମାଜ ପକ୍ଷରୁ ଆୟୋଜିତ ବ୍ରତୋପନୟନରେ ୧୫ରୁ ଊର୍ଦ୍ଧ୍ୱ ବାଳକ ବ୍ରହ୍ମଚାରୀ ହେବା ସହ ୫୦ଜଣ ଉପବୀତ ଗ୍ରହଣ କରିଥିଲେ।

ଏଥିରେ ମୁଖ୍ୟ ଅତିଥି କଟକ ଗୋବିନ୍ଦପୁରସ୍ଥିତ ସିଦ୍ଧଗିରୀ ମଠ ମହନ୍ତ ବାବାଜୀ ବିଶ୍ୱନାଥ ଦାସ ଓ ସମ୍ମାନୀୟ ଅତିଥି ପଣ୍ଡିତ ହୃଷୀକେଶ ରଥ ଯୋଗଦେଇ ଉପାୟନ ଓ ଆର୍ଶୀବାଦ ପ୍ରଦାନ କରିଥିଲେ। ଆଇନଜୀବୀ ବିନୋଦ ନାୟକ ଓ ଶିକ୍ଷାବିତ ଡ. ବଟକୃଷ୍ଣ ନାଥ ଯୋଗଦେଇ ବୈଦିକ ବ୍ରତ ଉପନୟନ ମାଧ୍ୟମରେ ବ୍ରହ୍ମଚର୍ଯ୍ୟ ବ୍ରତପାଳନର ଉପାଦେୟତା ଆଧ୍ୟାତ୍ମିକ ଜ୍ଞାନ ସଂସ୍କାରର ଆବଶ୍ୟକତା ଉପରେ ଆଲୋଚନା କରଥିଲେ। ଏହି କାର୍ଯ୍ୟକ୍ରମରେ କଟକ, କେନ୍ଦୁଝର, ଗଞ୍ଜାମ, ମୟୂରଭଞ୍ଜ, ଜଗତସିଂହପୁର, ଯାଜପୁର, ଖୋର୍ଦ୍ଧା, ପୁରୀ ଓ କେନ୍ଦ୍ରାପଡାରୁ ହଜାରରୁ ଉର୍ଦ୍ଧ୍ୱ ମାଟିବଂଶ ଅବଧାନମାନେ ଯୋଗ ଦେଇଥିଲେ। ସଭାପତି ଅଭିରାମ ନାୟକ, କର୍ମକର୍ତ୍ତା ଅଭୟ ଦାସ, ହରେକୃଷ୍ଣ ମହାରଣା, ଅଭିମନ୍ୟୁ ନାୟକ, କପିଳେଶ୍ୱର ପାଲ, ଅଶୋକ କୁମାର ଗେରୁ, ମଧୁସୂଦନ ଗେରୁ, ଗନ୍ଧର୍ବ କୁମାର ପାଗଳ, ସନ୍ତୋଷ କୁମାର ଜେନା ଓ ଶ୍ରୀଧର ନାଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୋଜନାବଦ୍ଧ ହତ୍ୟା ନେଇ ଅଜାଙ୍କ ଅଭିଯୋଗ
### ଶୁଭଲକ୍ଷ୍ମୀ ମୃତ୍ୟୁ ଘଟଣା

ରାଜନଗର, ୪।୪(ଭାସ୍କର ରାଉତରାୟ)

କେନ୍ଦ୍ରାପଡା ଜିଲା ରାଜନଗର ଥାନା ଚାନ୍ଦିବାଉଁଶମୂଳ ପଞ୍ଚାୟତ ଅନ୍ତର୍ଗତ ବଡକୋଲ୍ଲା ଗାଁରେ ୨ ତାରିଖରେ ନିଖୋଜ ଥିବା ଶିଶୁକନ୍ୟା ଶୁଭଲକ୍ଷ୍ମୀଙ୍କ ମୃତଦେହ ଶୁକ୍ରବାର କେନାଲରୁ ଜବତ ହୋଇଥିଲା। କାଳନ୍ଦି ନାୟକ ଶନିବାର ରାଜନଗର ଥାନାରେ କରିଥିବା ଅଭିଯୋଗ ମୁତାବକ ବେଣୁ ଦାସଙ୍କ ଝିଅର ପୁଅ ( ୫ ବର୍ଷ ) ଗତ କାର୍ତ୍ତିକ ପୂର୍ଣ୍ଣିମା ଦିନ ଘର ସମ୍ମୁଖ ପୋଖରୀରେ ବୁଡି ମତ୍ୟୁ ଘଟିଥିଲା। ଶୁଭଲକ୍ଷ୍ମୀ ସହ ଖେଳୁଥିଲା ଶୁଭଲକ୍ଷ୍ମୀ ପେଲି ଦେବାରୁ ତାଙ୍କ ନାତିଙ୍କ ମୃତ୍ୟୁ ଘଟିଥିବା ନେଇ ସେ ୬ ମାସ ମଧ୍ୟରେ ଶୁଭଲକ୍ଷ୍ମୀଙ୍କୁ ମାରିବେ ବୋଲି କହି ଆସୁଥିଲେ। ପ୍ରତିଶୋଧ ପରାୟଣ ହୋଇ ବେଣୁ ଚରଣ ଦାସ, ସ୍ତ୍ରୀ ଅହଲ୍ୟା ଦାସ, ଝିଅ ସତ୍ୟଭାମା ପାତ୍ର, ପୁଅ ପ୍ରଶାନ୍ତ ଦାସ, ବେଣୁଙ୍କ ଶଳାର ପୁଅ ଏଣ୍ଡୁଳାପୁର ଭେଡିସାହିର ଜୟୀରାମ ସ୍ୱାଇଁ ସମସ୍ତେ ମିଳିମିଶି ଯୋଜନାବଦ୍ଧ ଭାବେ ମୋ ନାତୁଣୀକୁ ହତ୍ୟା କରିଛନ୍ତି ବୋଲି ସନ୍ଦେହ ହେଉଛି। ସେମାନେ ପୂର୍ବରୁ ମୋ ନତୁଣୀ ଓ ପରିବାରକୁ ଧମକ ଚମକ ଦେଇ ଆସୁଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେମାନେ ମିଳିତ ଭାବେ ହତ୍ୟା କରିଛନ୍ତି ବୋଲି ଶୁଭଲକ୍ଷ୍ମୀଙ୍କ ଅଜା ଏତଲାରେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ମାଳିପୁର ଗାଁର ମାନଗୋବିନ୍ଦ ସେନାପତିଙ୍କ ଝିଅ ଶୁଭଲକ୍ଷ୍ମୀ(୭ବର୍ଷ) ତାଙ୍କ ମାମୁ ଘରେ ଥିବା ବେଳେ ଏହି ଘଟଣା ଘଟିଛି। କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ମାଳିପୁର ଗାଁରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ଡେରାବିଶରେ ବିଦ୍ୟା ଆରମ୍ଭ ଉତ୍ସବ ପାଳିତ



ଡେରାବିଶ, ୪।୪ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟରେ ଶନିବାର ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଡ଼ି ଛୁଆଁ ଏକ ପୁରାତନ ଧାର୍ମିକ ଓ ସାମ୍ପ୍ରଦାୟିକ ପରମ୍ପରା, ଯାହା ଶିଶୁଙ୍କ ଜୀବନରେ ଶିକ୍ଷାର ଆରମ୍ଭକୁ ପବିତ୍ର କରେ। ବିଦ୍ୟାଳୟ ପ୍ରବେଶ ଉତ୍ସବ ହେଉଛି ଏହାର ଆଧୁନିକ ରୂପ, ଯାହା ସମସ୍ତଙ୍କ ପାଇଁ ଶିକ୍ଷାକୁ ସୁନିଶ୍ଚିତ କରେ। ଶନିବାର ବିଦ୍ୟାଳୟ ମାନଙ୍କରେ ଶିକ୍ଷୟିତ୍ରୀ ଶିକ୍ଷକ ମାନେ କୁନିକୁନି ଛାତ୍ରୀଛାତ୍ରଙ୍କ ହାତଧରି ପ୍ରଥମେ ମା' ଓ ବାପା ଲେଖାଇଥିଲେ। ଏହି ଅବସରରେ ଶନିବାର ପ୍ରତ୍ୟୁଷରୁ ବିଦ୍ୟାଳୟ ପରିସର ଚଳଚଞ୍ଚଳ ହୋଇ ଉଠିଥିଲା। ପ୍ରତିବିଦ୍ୟାଳୟ ସମ୍ମୁଖରେ ସ୍ୱାଗତ ତୋରଣ ସହିତ ଝୋଟି ଚିତା ଅଙ୍କାଯାଇଥିଲା। ଏହି ପ୍ରବେଶ ଉତ୍ସବରେ ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ଧରି ବିଦ୍ୟାଳୟରେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ପୁରାଣରେ ମାତା ସରସ୍ୱତୀଙ୍କୁ ଜ୍ଞାନ ଓ ବୁଦ୍ଧିର ଦେବୀ ଭାବେ ପୂଜା କରାଯାଏ। ଶିଶୁଙ୍କ ହାତରେ ପ୍ରଥମେ ଅକ୍ଷର ଲେଖାଇବାକୁ ତାଙ୍କର କୃପା ଲାଭର ଏକ ପବିତ୍ର ଅବସର ବୋଲି ମନେ କରାଯାଏ। ପୁରାତନ କାଳରେ ଋଷିମୁନିମାନେ ଗୁରୁକୁଳରେ ଶିଷ୍ୟଙ୍କୁ ଓଁ ଅକ୍ଷରରେ ଶିକ୍ଷାର ଶୁଭାରମ୍ଭ କରୁଥିଲେ, ଯାହା ସୃଷ୍ଟି ଓ ଜ୍ଞାନର ଆଦି ସ୍ୱରୂପର ପ୍ରତିନିଧିତ୍ୱ କରେ। ଆଜିର ବିଦ୍ୟାଳୟ ପ୍ରବେଶ ଉତ୍ସବ ସେହି ପରମ୍ପରାକୁ ଆଧୁନିକ ରୂପରେ ପୁନର୍ଜୀବିତ କରିଛି। ଏହା କେବଳ ଶିଶୁଙ୍କୁ ଶିକ୍ଷାଳୟ ସହିତ ପରିଚିତ କରେନି ବରଂ ତାଙ୍କ ମନରେ ଜ୍ଞାନ ପ୍ରତି ଭକ୍ତି, ଆନନ୍ଦ ଓ ଆତ୍ମବିଶ୍ୱାସ ଜଗାଇଥାଏ।

ଏହିପରି ପବିତ୍ର ପ୍ରୟାସ ଆମ ସମାଜକୁ ଜ୍ଞାନମୟ ଓ ସଂସ୍କାରସମ୍ପନ୍ନ କରିବାରେ ଏକ ମୂଲ୍ୟବାନ ପଦକ୍ଷେପ। ତେଣୁ ଏହି ଉତ୍ସବ ଆମର ପାରମ୍ପରିକ ମୂଳକୁ ସ୍ମରଣ କରାଇ ନୂତନ ପିଢ଼ୀକୁ ଜ୍ଞାନର ଆଲୋକରେ ଆଗକୁ ନେଇଯିବାରେ ସଦା ସଫଳ କରିବା ଏହି କର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ମଲ୍ଲିକେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ତଥା ପରିବେଶବିତ୍ ସସ୍ମିତା ବେହେରା କହିଛନ୍ତି। ତେବେ ଏହି ଉତ୍ସବ ଡେରାବିଶ ବ୍ଲକ ଅଞ୍ଚଳରେ ଥିବା ୧୮ ହାଇସ୍କୁଲ,୮୪ ପ୍ରାଥମିକ ବିଦ୍ୟାଳୟ ଓ ୪୬ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମେତ ସମୁଦାୟ ୧୭୫ ଗୋଟି ବିଦ୍ୟାଳୟରେ ପାଳିତ ହୋଇଥିବା ବ୍ଲକ ସହକାରୀ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ ସୂଚନା ଦେଇଛନ୍ତି।

# ନବନିର୍ମିତ ହସ୍ପିଟାଲ ଛାତରୁ ସିଲିଂ ଖସୁଛି

### ଜନଶକ୍ତି ପାର୍ଟିର ଭିଜିଲାନ୍ସ ତଦନ୍ତ ଦାବି

ପଟ୍ଟାମୁଣ୍ଡାଇ, ୪।୪(କଳ୍ପତରୁ ନାୟକ)

ଶୋଚନୀୟ ଅବସ୍ଥାରେ କେନ୍ଦ୍ରାପଡ଼ା ଜିଲାର ମୁଖ୍ୟ ଚିକିତ୍ସାଳୟ ନିର୍ମାଣ ହେବାର ମାତ୍ର ୪ ବର୍ଷରେ ହସ୍ପିଟାଲ ଛାତରୁ ସିଲିଂ ଖସୁଛି, କାନ୍ଥରୁ ପ୍ଲାଷ୍ଟର ଝଡୁଛି। ଯାହା ଶହଶହ ରୋଗୀଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିର୍ମାଣ ଲାଗି ବ୍ୟୟ ହୋଇଥିବା ୧୧୦ କୋଟି ପାଣିରେ ପଡିବାକୁ ବସିଲାଣି। ଯାହାକୁ ନେଇ ଜନଶକ୍ତି ପାର୍ଟି ରାଜ୍ୟ ସଭାପତି ଆଇନଜୀବୀ ପ୍ରଦୀପ ଦାଶ ପଟ୍ଟାମୁଣ୍ଡାଇ ଠାରେ ଏକ ପ୍ରେସ ବିବୃତି ଦେଇ ଘଟଣାକୁ ଦୃଢ ନିନ୍ଦା କରିବା ସହ ଏହା ଉପରେ ଭିଜିଲାନ୍ସ ତଦନ୍ତ ପାଇଁ ଦାବୀ କରିଛନ୍ତି।

ସେ କହିଛନ୍ତି, ବ୍ରିଟିଶ ସମୟରୁ କେନ୍ଦ୍ରାପଡାଠାରେ ରାଜ୍ୟର ପ୍ରଥମ ମେଡିକାଲ କେନ୍ଦ୍ରାପଡା ସହର ଖଡିଅଙ୍ଗଠାରେ ହୋଇଥିଲା। ୨୦୨୨ ଜାନୁଆରୀ ୮ ରେ ସହରଠାରୁ ୫ କି.ମି.ଦୂର ଇଚ୍ଛାପୁରର ଶ୍ୟାମଗୁଡ଼ିଆସ୍ଥିତ ଏହି ଜିଲା ହସ୍ପିଟାଲ କୋଠା କାର୍ଯ୍ୟକ୍ଷମ ହୋଇ ସ୍ଥାନାନ୍ତର ହୋଇଥିଲା। ସୁଦୃଢ଼ ଭିତ୍ତିଭୂମି ସାଙ୍ଗକୁ ଏଠାରେ ରୋଗୀଙ୍କୁ ଉନ୍ନତମାନର ଅତ୍ୟାଧୁନିକ ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ରଖାଯାଇଥିଲା। ହେଲେ ଧିରେ ଧିରେ ଏବେ ଚିକିତ୍ସାଳୟ ଭିତରର ସ୍ଥିତି ବିପର୍ଯ୍ୟସ୍ତ ହେବାକୁ ବସିଲାଣି। ତଳ ମହଲା ମେଣ୍ଟେନାନ୍ସ ରୁମର ତିନି ଫାଳ କାନ୍ଥରୁ ପ୍ଲାଷ୍ଟର ଖସି କଂକ୍ରିଟ୍ ଇଟା ଦିଶୁଛି। ଯାହା ଶହଶହ ରୋଗୀଙ୍କ ସୁରକ୍ଷା ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ତ୍ତ ବିଭାଗର ଖାମ ଖିଆଲି ନୀତି ଯୋଗୁ ହୁଏତ ଆଜି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟର ଏଭଳି ଦୂରବସ୍ଥା ହୋଇଛି। କଟକ ବଡ ମେଡିକାଲରେ ଯେପରି ଅଘଟଣ ଘଟିଲା ତାହାର ପୁନରାବୃତ୍ତି ହେଲେ ଜନଶକ୍ତି ପାର୍ଟି ବାଧ୍ୟ ହୋଇ ରଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବ ବୋଲି ଆଇନଜୀବୀ ଦାଶ ଚେତାବନୀ ଦେଇଛନ୍ତି। ଏହି ପ୍ରେସ୍ ବିବୃତିରେ ଜନଶକ୍ତି ପାର୍ଟି ରାଜ୍ୟ ସମ୍ପାଦକ ନୀଳମାଧବ ସାମଲ,ସମରେନ୍ଦ୍ର ଜେନା, ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ଆଇନଜୀବୀ ଅରକ୍ଷିତ ସୁତାର ପ୍ରମୁଖ ଉପସ୍ଥିତ ଥିଲେ ।

## ପରକଣା ଉଚ୍ଚ ପ୍ରାଥମିକ ଅଷ୍ଟମ ଶ୍ରେଣୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧିତ ବିଦ୍ୟାର୍ଥୀଙ୍କ ଗହଣରେ ଶିକ୍ଷୟିତ୍ରୀ ଶିକ୍ଷକମାନେ।

ପାଟକୁରା,୪।୪(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ପରକଣା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୦୨୫-୨୦୨୬ ଶିକ୍ଷା ବର୍ଷରେ ଅଧ୍ୟୟନ ରତ ୧୭ ବିଦ୍ୟାର୍ଥୀଙ୍କୁ ବିଦ୍ୟାଳୟ ତରଫରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ମହାପାତ୍ର ବିଦ୍ୟାର୍ଥୀମାନଙ୍କୁ କମିଟି ତରଫରୁ ଉପଢୌକନ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଅଭୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗରଦପୁର ଶିକ୍ଷା ମଣ୍ଡଳ ପ୍ରାକ୍ତନ ସଂଯୋଜକ ନବୀନ ଚନ୍ଦ୍ର ବେହେରା ମୁଖ୍ୟ ବକ୍ତା ଭାବେ ପିଲାମାନଙ୍କୁ ଭବିଷ୍ୟତରେ ଭଲ ପାଠ ପଢି ଭଲ ମଣିଷ ହେବାକୁ ପରାମର୍ଶ ଦେଇ ଉତ୍ତରୋତ୍ତର ସଫଳତା କାମନା କରିଥିଲେ । ସଭାପତି କାର୍ଯ୍ୟରେ ବିଦ୍ୟାଳୟ ଶିକ୍ଷକ ରବୀନ୍ଦ୍ର ନାୟକ, ଟିଂକିନା ମୁଦୁଲି, ଅଳକା ମହାପାତ୍ର ଓ ସୁଲୋଚନା ସ୍ୱାଇଁ ସହଯୋଗ କରିଥିଲେ।

# ମହାକାଳପଡ଼ାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

### ଏସ୍‌ପିଙ୍କୁ ଭେଟିଲେ ବିଜେଡି ନେତା, କର୍ମୀ

କେନ୍ଦ୍ରାପଡା, ୪।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ଜିଲା ମହାକାଳପଡା ନିର୍ବାଚନ ମଣ୍ଡଳୀରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି। ଥାନା ପୋଲିସ ଶାସକ ଦଳର ପ୍ରରୋଚନାରେ ସାଧାରଣ ଲୋକଙ୍କୁ ନ୍ୟାୟ ଦେଉନାହାନ୍ତି। ଏପରି ଅଭିଯୋଗ ଆଣି ବିଜେଡି ନେତା ଓ କର୍ମୀ ଶନିବାର ଏସ୍‌ପିଙ୍କୁ ଭେଟିଛନ୍ତି। ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ନେତୃତ୍ୱରେ ଯାଇଥିବା ବ୍ୟକ୍ତିମାନେ ଏସ୍‌ପି ସିଦ୍ଧାର୍ଥ କାଟାରିଆଙ୍କୁ ଏ ନେଇ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ଦେଇଛନ୍ତି। ଏ ସମ୍ପର୍କରେ ପୂର୍ବତନ ମନ୍ତ୍ରୀ ନାୟକ କହିଛନ୍ତି, ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମାର୍ଶାଘାଇ ଓ ମହାକାଳପଡା ବ୍ଲକ ଅଞ୍ଚଳର ଥାନା ଗୁଡିକ ଏବେ ସାଧାରଣ ଲୋକଙ୍କ ପାଇଁ ସୁରକ୍ଷିତ ନୁହେଁ। ନିକଟରେ ଏପରି ଏକ ମିଛ ମାମଲା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ରାଜଗଡ ସରପଞ୍ଚ ମାର୍ଶାଘାଇ ଥାନାରେ ଏକ ଅଭିଯୋଗ ପତ୍ର ଦେଇଥିଲେ। ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ବଦଳରେ ସରପଞ୍ଚଙ୍କ ସ୍ୱାମୀ ଅଶୋକ ମହାପାତ୍ରଙ୍କ ନାମରେ ମାମଲା ରୁଜୁ କରିଛନ୍ତି। ତାଙ୍କୁ ଗିରଫ ପାଇଁ ତନାଘନା ଚଳାଇଛନ୍ତି। ଅଶୋକ ବାପାଙ୍କ ମୃତ୍ୟୁରେ ଶୋକ ପ୍ରକଟ ଓ ସଂସ୍କାର କାର୍ଯ୍ୟରେ ଯୋଗ ଦେଇନାହାନ୍ତି। ଥାନା ପୋଲିସ ଗିରଫ କରିବା ଭୟ ରହୁଛି। ଅଶୋକଙ୍କ ଉପରେ ମାମଲା ରୁଜୁ ଏକ ଉଦାହରଣ ମାତ୍ର। ଏପରି ଘଟଣା ମହାକାଳପଡା ନିର୍ବାଚନ ମଣ୍ଡଳୀର ବିଜେଡି ନେତା କର୍ମୀଙ୍କ ଉପରେ ଆକ୍ରୋଶମୂଳକ ଭାବେ ହେଉଥିବା ଏସ୍‌ପିଙ୍କୁ ଜଣାଇଥିବା ପୂର୍ବତନ ମନ୍ତ୍ରୀ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅପରପକ୍ଷରେ ଏସ୍‌ପି କାଟାରିଆ ଏହି ଅଭିଯୋଗକୁ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲା ବିଜେଡି ସଭାପତି ଶିବପ୍ରସାଦ ଭଳ, ବ୍ଲକ ଉପାଧ୍ୟକ୍ଷ ବିଜୟ ଶୁକ୍ଳା, ବରିଷ୍ଠ ନେତା ହିରଣ୍ୟ କୁମାର ପଣ୍ଡା, ନିମାଇଁ ଚରଣ ସ୍ୱାଇଁ, ବିଜୟ କୁମାର ମଣ୍ଡଳ ଓ କବିତା ମଲ୍ଲିକଙ୍କ ସହ ଶତାଧିକ ନେତା ଓ କର୍ମୀ ସାମିଲ ହୋଇଥିଲେ ।



ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟମାନେ ଏସ୍‌ପିଙ୍କ ସହ ଆଲୋଚନା କରୁଛନ୍ତି।

# ଆଜି ମୋର ଖଡ଼ିଛୁଆଁ ପାଠ ଅନୁକୂଳ


ନନ୍ତାର ଦଳିତ ପ୍ରାଥମିକ ବିଦ୍ୟାଳୟର ଶିଶୁ ଖଡ଼ି ଛୁଇଁ ପାଠ ଅନୁକୂଳ କରୁଛନ୍ତି।

ମହାକାଳପଡ଼ା, ୪।୪(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡା ବ୍ଲକ ବାରଡାଙ୍ଗ ପଞ୍ଚାୟତ ସ୍ଥାନୀୟ ନନ୍ତାର ଦଳିତ ସାହି ପ୍ରାଥମିକ ବିଦ୍ୟାଳୟର ଶିଶୁ ବାଟିକା ପିଲାମାନେ ସ୍ଲେଟ ଖଡ଼ି ଛୁଇଁ ବ୍ରହ୍ମା ବିଷ୍ଣୁ ମହେଶ୍ୱର ଶୁନ ବୁଲାଇ ଅନୁକୂଳ କରାଯାଇଛି ବୋଲି ଦେଖିବାକୁ ମିଳିଥିଲା। ପ୍ରଥମେ ଶିଶୁମାନେ ନୂଆ ବସ୍ତ୍ର ପରିଧାନ କରି ଗାଁ ଠାକୁରାଣୀ ମନ୍ଦିରରେ ବିଧି ଅନୁସାରେ ପୂଜାର୍ଚ୍ଚନା ପର୍ବ ସାରି ବିଦ୍ୟାଳୟକୁ ଆଗମନ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଅଭିଭାବକ ମାନେ ଶିଶୁମାନଙ୍କୁ ଧୂପ ଦ୍ୱୀପ ଲଗାଇ ପୁଷ୍ପ ଅରୁଆ ଚାଉଳ ଦୂବ ବର କୋଳି ପତ୍ର ସିଞ୍ଚନ କରିଥିଲେ। ପରେ ସମସ୍ତେ ମିଳିତ ହୋଇ ଖଡ଼ି ଛୁଆଁ ପର୍ବ ପାଳନ କରାଯାଇ ଶିଶୁଙ୍କ ହାତକୁ ଧରି ସ୍ଲେଟରେ ଖଡ଼ି ଛୁଇଁ ଅନୁକୂଳ କରାଯାଇଥିଲା। ପରେ ଶିଶୁ ମାନଙ୍କୁ ଖଡ଼ି ଛୁଆଁ ପର୍ବ ସମ୍ପର୍କରେ ବୁଝାଇ ଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ କହିବା କଥା ଭବିଷ୍ୟତ ଜୀବନକୁ ଗଢ଼ି ତୋଳିବାକୁ ଖଡ଼ି ଛୁଇଁ ପାଠ ଅନୁକୂଳ କରାଯାଏ ବୋଲି କହିଥିଲେ। ଖଡ଼ି ଛୁଆଁ ପର୍ବ ବେଶ ମନୋରମ ଥିଲା ବୋଲି ପ୍ରଧାନ ଶିକ୍ଷକ ମକର ମାଝୀ କହିଛନ୍ତି। ପାଞ୍ଚରୁ ଅଧିକ ଶିଶୁମାନେ ଖଡ଼ି ଛୁଇଁ ପାଠ ଅନୁକୂଳ କରିଥିଲେ। ସେହିପରି ପୂର୍ବ ସୁନିତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ଖଡ଼ି ଛୁଆଁ ଦିବସ ପାଳିତ ହୋଇଯାଇଛି। ବିଡ଼ିଓ ରବି ନାରାୟଣ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷା ମୀରା ରାଣୀ ମହାନ୍ତି , ବ୍ଲକ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ଦଳାଇ, ବିଆର୍‌ସିସି ଅକ୍ଷୟ କୁମାର ମହାପାତ୍ରଙ୍କ ସମେତ ୨୦ କ୍ଲଷ୍ଟର ସିଆରସିସି ମାନେ ଯୋଗ ଦେଇଥିଲେ। ଏହି ବିଦ୍ୟାଳୟରେ ୨୫ରୁ ଅଧିକ ଶିଶୁମାନେ ଖଡ଼ି ଛୁଆଁ ଦିବସରେ ପାଠ ଅନୁକୂଳ କରିଥିଲେ। ସେହିପରି ବ୍ଲକର ମୋଟ ୧୭୬୦ ଶିଶୁମାନଙ୍କ ମଧ୍ୟରୁ ଖଡ଼ି ଛୁଆଁ ଦିବସରେ ୧୧୦୭ ଶିଶୁ ଖଡ଼ି ଛୁଇଁ ପାଠ ଅନୁକୂଳ କରିଥିଲେ ବୋଲି ବ୍ଲକ ଶିକ୍ଷାଧିକାରୀ ଦଳାଇ କହିଛନ୍ତି।

# ଡାଟା ଏଣ୍ଟ୍ରି ଅପରେଟରଙ୍କୁ ବଦଳି ଦାବି ତେଜିଲା

ନୟାଗଡ଼,୪।୪(ଲୋକନାଥ ମିଶ୍ର)

■ ଦଲିଲ ଲେଖକ ମୋହରିର ସଂଘ ସଦସ୍ୟଙ୍କ ଧାରଣା

■ ୩ ଦିନ ହେଲା ଜମି କିଣାବିକା ବନ୍ଦ

ନୟାଗଡ଼ ଜିଲା ଉପନିବନ୍ଧକଙ୍କ କାର୍ଯ୍ୟାଳୟରୁ ଜଣେ ଡାଟା ଏଣ୍ଟ୍ରି ଅପରେଟରଙ୍କ ବଦଳି ଦାବିରେ ଦଲିଲ ଲେଖକ ମୋହରିର ସଂଘ ପକ୍ଷରୁ ୩ଦିନ ହେଲା ଧାରଣା ଚାଲୁ ରହିଛି । ଦାବି ପୂରଣ ନ ହେଲେ ଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଦଲିଲ ଲେଖକ ମୋହରିରଙ୍କ ଆନ୍ଦୋଳନ ଯୋଗୁ ୩ ଦିନ ହେଲା ଜମି କିଣାବିକା ବନ୍ଦ ରହିଛି । ଦଲିଲ ଲେଖକ ମୋହରିର ଜିଲା ସଂଘ ସମ୍ପାଦକ ପ୍ରଦୀପ୍ତ କୁମାର ପାତ୍ରଙ୍କ ସୂଚନା ଅନୁସାରେ ଡାଟା ଏଣ୍ଟ୍ରି ଅପରେଟର ଦୀପକ କୁମାର ପାଣି ଦଲିଲ ଲେଖକ ମୋହରିର ମାନଙ୍କୁ କିଛି ଦିନ ହେଲା ହଇରାଣ ହରକତ କରୁଛନ୍ତି । ଜମି ପଞ୍ଜୀକରଣ ପାଇଁ ଉଠା ଯାଇଥିବା ଫଟୋରୁ କେତେକ ଫଟୋ ଡିଲିଟ କରି ଦେବା ପରେ କ୍ରେତା ବିକ୍ରେତା ହଇରାଣ ହେଉଛନ୍ତି । ପୁଣି ଉପି ନିର୍ଦ୍ଧାରିତ ସମୟରେ ଦେଉ ନାହାନ୍ତି । ଜମି କିଣା ବିକାର ପଞ୍ଜୀକରଣ ପାଇଁ ଫଟୋ ଉଠାଇବାର ବ୍ୟବସ୍ଥା ଗତି କମ୍ପ୍ୟୁଟରରେ ଥିବାର ସୁବିଧା ଥିବାବେଳେ କେବଳ ଗୋଟିଏ କମ୍ପ୍ୟୁଟର ବ୍ୟବହାର କରାଯାଉଛି । ଏଭଳି କରାଯିବା ଦ୍ୱାରା ଜମି କିଣାବିକା ପଞ୍ଜୀକରଣରେ ଫଟୋଉଠା ବିଳମ୍ବ ହେଉଛି । ସେହିଭଳି ଜମି ପଞ୍ଜୀକରଣ ଦିବସରେ କବଲା ମିଳିବାର ସରକାରୀ ବ୍ୟବସ୍ଥା ଥିବାସ୍ଥଳେ କବଲା ପାଇବାକୁ ୧୦ରୁ ୧୫ଦିନ ବିଳମ୍ବ କରାଯାଉଛି । ପୁଣି ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ବ୍ୟବହାର ଖରାପ କରାଯାଉଛି । ସବୁ କ୍ଷେତ୍ରରେ ଡାଟା ଏଣ୍ଟ୍ରି ଅପରେଟର ଦୀପକଙ୍କର ଭୂମିକା ଯୋଗୁ ଏନେଇ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଅଭିଯୋଗ କରାଯାଇଥିଲା । ପରେ ଦଲିଲ ଲେଖକ ମୋହରିର ସଂଘ ପକ୍ଷରୁ ଗତ ଡିସେମ୍ବରରେ ଧାରଣା ଦେବା ପାଇଁ ନିଷ୍ପତ୍ତି ହୋଇଥିଲା । ହେଲେ ଜିଲାପାଳ କାର୍ଯ୍ୟରେ ଯୋଗ ଦେବାର ଥିବାରୁ ଧାରଣା ବିଳମ୍ବ ହୋଇଛି। ଡାଟା ଏଣ୍ଟ୍ରି ଅପରେଟରଙ୍କ ବଦଳି ନ ହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି କହିଛନ୍ତି ।



ଡାଟା ଏଣ୍ଟ୍ରି ଅପରେଟରମାନେ ଧାରଣାରେ ବସିଛନ୍ତି।

ଡାଟା ଏଣ୍ଟ୍ରି ଅପରେଟର ଦୀପକ କୁହନ୍ତି, ମୋ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ । ପ୍ରଥମେ ମୁଁ କ'ଣ କାମ କରୁଛି ଜାଣି ତା ଉପରେ ଅଭିଯୋଗ କରିଥିଲେ ଭଲ ହୋଇଥାନ୍ତା। ସବରେଜିଷ୍ଟ୍ରାର ଅଫିସରେ କମ୍ପ୍ୟୁଟର ସେକ୍ସନରେ ୩ଜଣ କର୍ମଚାରୀଙ୍କ ମଧ୍ୟରୁ ମୁଁ ଜଣେ । ମୋ କାମ କେବଳ କବଲା ଏଣ୍ଟ୍ରି କରିବା । ତେବେ ମୁଁ କରୁ ନ ଥିବା କାମକୁ ମୋ ନାଁ ଦର୍ଶାଇ କାହିଁକି ବଦନାମ କରାଯାଉଛି ମୁଁ ଜାଣେନା । ମୋ ବିରୋଧରେ ପ୍ରାୟ ଦେଢ଼ ବର୍ଷ ହେଲା ଏଭଳି କରାଯାଉଛି । ଏଣୁ ମୁଁ ଭୁଲ କରିନଥିବାରୁ ସବୁ ପ୍ରକାର ତଦନ୍ତକୁ ସ୍ୱାଗତ କରୁଛି । ତଦନ୍ତ ହେଲେ ମୋ ଯାହା ସହଯୋଗ ଦରକାର ମୁଁ ଯୋଗାଇଦେବି ବୋଲି କହିଛନ୍ତି। ଅନ୍ୟପକ୍ଷେ ମୋ କାମ ସମ୍ପର୍କରେ ସାଧାରଣ ଲୋକ ହିଁ ଉତ୍ତର ଦେବେ। ମୁଁ କାହାକୁ କେବେ ହଇରାଣ କରୁଛି କହି କ୍ଷୋଭ ପ୍ରକାଶ କରିଥିଲେ ।

# ରଘୁ-ଦିବାକରଙ୍କ ବଳିଦାନ ଦିବସ ପାଳିତ

## ବ୍ରିଟିଶଙ୍କୁ ହଟାଇବାକୁ କରିଥିଲେ ପ୍ରଜାମଣ୍ଡଳ ଆନ୍ଦୋଳନ



ଲୋଧାଚୁଆ ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ରଣପୁର, ୪।୪(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁରରେ ରଘୁ-ଦିବାକରଙ୍କ ବଳିଦାନ ଦିବସ ଶନିବାର ପାଳିତ ହୋଇଯାଇଛି । ଭାରତ ପରାଧୀନ ଥିବାବେଳେ ନୟାଗଡ଼ ମାଟିରେ ସଙ୍ଗଠିତ ହୋଇଥିଲା ସ୍ୱାଧୀନତାର ଆନ୍ଦୋଳନ। ପ୍ରଜା ମଣ୍ଡଳ ଆନ୍ଦୋଳନ ଦେଶର ମାଟିକୁ ବିଶିଷ୍ଟ କରିବାକୁ ମୁକ୍ତ କରିବା ପାଇଁ ଏହି ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ଏହାର ନେତୃତ୍ୱ ନେଇ ଦେଶ ଓ ମାଟି ପାଇଁ ଦୁଇ ଜଣ ବୀର ସେନାନୀ ଶହୀଦ ହୋଇଥିଲେ । ସେମାନଙ୍କ ବଳିଦାନ ଯୋଗୁ ରଣପୁର ମାଟି ସମଗ୍ର ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଶହୀଦ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ ବଳିଦାନ ଭାରତୀୟ ମୁକ୍ତି ସଂଗ୍ରାମର ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ।

ଶନିବାର ଶହୀଦ ରଘୁ-ଦିବକରଙ୍କ ବଳିଦାନ ଦିବସରେ ବକ୍ତାମାନେ ଏହା ମତବ୍ୟକ୍ତ କରିଛନ୍ତି । ରଣପୁର ପଞ୍ଚୁଦୋଳ ପଡିଆରେ ଥିବା ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ପୁଷମାଲ୍ୟ ଅର୍ପଣକରି ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ରଘୁ-ଦିବାକର ଆଞ୍ଚଳିକ ସ୍ମୃତି କମିଟି,ଲୋଧାଚୁଆ ତରଫରୁ ମଧ୍ୟ ବଳିଦାନ ଦିବସ ଲୋଧାଚୁଆ ପଞ୍ଚାୟତ କାର୍ଯ୍ୟାଳୟ ଓ ଦହିଖାଇ ଯୁବକ ସଂଘ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସକାଳ ୮ ଟାରେ ଲୋଧାଚୁଆ ବଜାରରେ ଥିବା ଶହୀଦଙ୍କ ପ୍ରତିମୂର୍ତ୍ତିରେ ଉପସ୍ଥିତ ସମସ୍ତ ଅତିଥି, ନିର୍ବାଚିତ ପ୍ରତିନିଧି ଓ ଉପସ୍ଥିତ ଜନସାଧାରଣ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏକ ଶୋଭାଯାତ୍ରାରେ ବାହାରି ଲୋଧାଚୁଆ ପଞ୍ଚାୟତ କାର୍ଯ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ସାମିଲ ହୋଇଥିଲେ । ଶରତ ଚନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ସମ୍ମାନିତ ଅତିଥି ସରପଞ୍ଚ ସ୍ମିତା ରାଉତରାୟ, ସମ୍ପାଦକ ନେତ୍ରାନନ୍ଦ ମହାନ୍ତି,ଲେଖକ ଦେବୀ ପ୍ରସାଦ ସାମନ୍ତରାୟ, ସାମାଜିକ କର୍ମୀ ପ୍ରଫୁଲ୍ଲ ନାୟକ ଓ ସୁରେଶ ସ୍ୱାଇଁ, ସମିତି ସଭ୍ୟ ମୀନକେତନ ନାୟକ, ପ୍ରଫୁଲ୍ଲ ସାହୁ, ପୂର୍ବ ନାରାୟଣ ପ୍ରଧାନ ଓ ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ଶହୀଦଙ୍କ ପରିବାର ତରଫରୁ ତାଙ୍କ ଦାୟାଦ ଭାବେ ଡାକ୍ତର ଦେବାଶିଷ ପରିଡ଼ା, ଗିରିଜା ମହାନ୍ତି ଓ ଦିବାକର ପୃଷ୍ଟିଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପଞ୍ଚାୟତର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ୯ ଜଣ ଛାତ୍ରୀଛାତ୍ର ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲା ବେଳେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରତିଭା ସମ୍ମାନ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଦହିଖାଇ ଯୁବକ ସଂଘ ପ୍ରାଙ୍ଗଣରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଡାକ୍ତର ଦେବାଶିଷ ପରିଡ଼ା ଉଦ୍‌ଘାଟନ କରିଥିଲା ବେଳେ ନୟାଗଡ଼ ବ୍ଲଡ ବ୍ୟାଙ୍କ ଜରିଆରେ ୧୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହା ସହ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଲୋୟେଲା ୱେଲ ଫେୟାର ଫାଉଣ୍ଡେଶନ ଆନୁକୂଲ୍ୟରେ ପ୍ରାୟ ୫୦ ବିଭିନ୍ନ ବର୍ଗର ରୋଗୀଙ୍କ ମାଗଣା ପରୀକ୍ଷା ଓ ଚିକିତ୍ସା କରାଯାଇଥିଲା। ପୁରୁଣା ଆଣ୍ଠୁ ଗଣ୍ଠି ଜନିତ ରୋଗର ଆଧୁନିକ ଥେରାପି ପ୍ରଣାଳୀରେ ଲକ୍ଷ୍ମୀକାନ୍ତ ଜୟସିଂହଙ୍କ ଦ୍ୱାରା ପ୍ରାୟ ୧୦ ରୋଗୀ ଚିକିତ୍ସିତ ହୋଇଥିଲେ। ସୁନାଖଳାଠାରୁ ଚାନ୍ଦପୁର ରାସ୍ତାକୁ ଶହୀଦ ରଘୁ - ଦିବାକରଙ୍କ ନାମରେ ନାମିତ କରିବା ପାଇଁ ସ୍ମୃତି କମିଟି ପକ୍ଷରୁ ଦାବି କରିବା ସହ ସରକାରଙ୍କ ନିକଟରେ ବିଧିବଦ୍ଧ ଭାବେ ଉପସ୍ଥାପନ କରାଯିବ ବୋଲି ଘୋଷଣା କରାଯାଇଛି।

# ନୂଆଗାଁ ବ୍ଲକର ବିଭିନ୍ନ ସ୍କୁଲରେ ପ୍ରବେଶ ଉତ୍ସବ

ନୂଆଗାଁ,୪।୪ (ଧନେଶ୍ୱର ସାହୁ)

ଛାତ୍ରୀଛାତ୍ରମାନଙ୍କୁ ସ୍କୁଲ ଅଭିମୁଖୀ କରିବା ପାଇଁ ସରକାର ବିଭିନ୍ନ କାର୍ଯ୍ୟକ୍ରମମାନ କରୁଛନ୍ତି। ନୟାଗଡ଼ ଜିଲା ନୂଆଗାଁ ବ୍ଲକର ପ୍ରତି ସ୍କୁଲରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନଙ୍କ ମାନସିକ ସ୍ଥିତିର ବିକାଶ ପାଠପଢ଼ାର ଉନ୍ନତି ଲାଗି ସେମାନଙ୍କ ମନରେ ଆଗ୍ରହ ସୃଷ୍ଟି ସହ ଅଭିଭାବକମାନଙ୍କୁ ସଚେତନ କରାଇବା ପାଇଁ ସ୍କୁଲ ପକ୍ଷରୁ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ଯାଇଥିଲେ। ନୂଆଗାଁ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୀମସେନ ଦାସଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ସୁଷମା ସାହୁଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଥିଲା ।



ପ୍ରବେଶ ଉତ୍ସବରେ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରାଯାଉଛି।

# ମ୍ୟୁନିସିପାଲିଟିରେ ଜନଗଣନା ପ୍ରଶିକ୍ଷଣର ଶୁଭାରମ୍ଭ



ଜନଗଣନା ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀମାନେ।

ନୟାଗଡ଼, ୪।୪(ଲୋକନାଥ ମିଶ୍ର)

ଭାରତର ଜନଗଣନା ୨୦୨୭ କାର୍ଯ୍ୟକ୍ରମ ଅନ୍ତର୍ଗତ ନୟାଗଡ଼ ମ୍ୟୁନିସିପାଲିଟି ଅଞ୍ଚଳରେ ଗୃହ ତାଲିକା ଏବଂ ଗୃହ ଗଣନା ପାଇଁ ଉଦ୍ଦିଷ୍ଟ ଏକ ପ୍ରଶିକ୍ଷଣ ଶିବିର ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସଭାଗୃହରେ ଶନିବାରଠାରୁ ଆରମ୍ଭ ହୋଇଛି। ୩ଦିନ ଧରି ହେବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତଥା ଜିଲା ମୁଖ୍ୟ ଜନଗଣନା ଅଧିକାରୀ ରୋଜିନା ଦାସ ଏବଂ ସମ୍ମାନିତ ଅତିଥି ଭାବେ ନୟାଗଡ଼ ପୌରପାଳ ନିରୁପମା ଖଟେଇ ଯୋଗଦାନ କରି ଜନଗଣନାର ମୁଖ୍ୟ ଉଦ୍ଦେଶ୍ୟ ଏବଂ ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ସିଆର୍‌ସିସି ପ୍ରଦୀପ୍ତ କୁମାର ପଣ୍ଡା ଏବଂ ବ୍ରଜକିଶୋର ମହାପାତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସହଯୋଗୀ ଭାବେ ଦିଗାମ୍ବର ପ୍ରଧାନ, ଶିଶିର କୁମାର ମହାପାତ୍ର ଏବଂ ଗଜେନ୍ଦ୍ର କୁମାର ମହାରଣା ରହିଥିଲେ। ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧୫ରୁ ମେ ୧୫ ପର୍ଯ୍ୟନ୍ତ ମ୍ୟୁନିସିପାଲିଟି ଅନ୍ତର୍ଗତ ୧୬ଟି ୱାର୍ଡରେ ଥିବା ସମସ୍ତ ବାସୋପଯୋଗୀ ଗୃହଗୁଡ଼ିକର ଚିହ୍ନଟ ଏବଂ ଗଣନା ସହିତ ସେଗୁଡିକର ତାଲିକା କରାଯିବ। ଶିବିରରେ ଉଭୟ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟରୁ ୮୬ ଶିକ୍ଷୟିତ୍ରୀଶିକ୍ଷକ ଗୃହ ଏବଂ ଜନଗଣନାକାରୀ ଭାବେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

# ମିଳିଲାନି ବକେୟା ଅର୍ଥ, ଗ୍ରାଚ୍ୟୁଇଟି

## ଅବସରପ୍ରାପ୍ତ କର୍ମଚାରୀଙ୍କ ଧାରଣା ଷଷ୍ଠ ଦିନରେ

ନୟାଗଡ଼, ୪।୪(ଲୋକନାଥ ମିଶ୍ର)

ଷଷ୍ଠ, ସପ୍ତମ ବେତନ ହାରରେ ବକେୟା ଅର୍ଥ ଓ ଗ୍ରାଚ୍ୟୁଇଟି ତୁରନ୍ତ ପ୍ରଦାନ ଦାବିରେ ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ଅବସରପ୍ରାପ୍ତ କର୍ମଚାରୀଙ୍କ ଚାଲିଥିବା ଧାରଣା ଷଷ୍ଠ ଦିନରେ ପହଞ୍ଚିଛି। ତେବେ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ କି ଜିଲାପାଳ କେହି ହେଲେ ସେମାନଙ୍କ ଦୁଃଖ ଶୁଣୁ ନ ଥିବା ଅଭିଯୋଗ ହୋଇଛି। ହାଇକୋର୍ଟଙ୍କ ଆଦେଶକୁ ଅଣଦେଖା କରିବା ପରେ ଗତ ୩୦ ତାରିଖରୁ ଧାରଣା ଚାଲୁ ରହିଛି। ବ୍ୟାଙ୍କର ୨୦୦ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ମଧ୍ୟରୁ ୫୦ ଜଣରୁ ଊର୍ଦ୍ଧ୍ୱ ତାଙ୍କର ଷଷ୍ଠ ଓ ସପ୍ତମ ବେତନ ହାରରେ ବକେୟା ଅର୍ଥ ଏବଂ ଗ୍ରାଚ୍ୟୁଇଟ ପାଇଁ ଅପେକ୍ଷା କରି କରି ମରିଗଲେ। ଅବଶିଷ୍ଟ ୧୫୦ ଜଣ ବୃଦ୍ଧ ଅବସରପ୍ରାପ୍ତ କର୍ମଚାରୀ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେଇଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି କାର୍ଯ୍ୟକାରୀ ସଭାପତି ଜୟକୃଷ୍ଣ ଜେନା ଓ ସମ୍ପାଦକ ଗଙ୍ଗାଧର ସାହୁ ସୂଚନା ଦେଇଛନ୍ତି।



ଅବସରପ୍ରାପ୍ତ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

# ଜିଲାସ୍ତରୀୟ ରଘୁ, ଦିବାକର ତିରୋଧାନ ଦିବସ





ରଘୁ, ଦିବାକରଙ୍କ ତିରୋଧାନ ଦିବସରେ ଉପସ୍ଥିତ ଅତିଥିମାନେ।

ନୟାଗଡ଼,୪।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶନିବାର ଜିଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଶହୀଦ ଦିବସ ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇଥିବାବେଳେ ବିଶିଷ୍ଟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ପୋର ପରିଷଦ ଅଧ୍ୟକ୍ଷ ନିରୁପମା ଖଟେଇ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜ୍ୟୋତି ରଞ୍ଜନ ସାମନ୍ତରାୟ, ଉପଜିଲାପାଳ କର୍ଣ୍ଣଦେବ ସମାଦାର ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ରଘୁ ଓ ଦିବାକର ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଅତିଥିମାନଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବାଚସ୍ପତି ପାଢୀ ନୟାଗଡ଼ ଜିଲାର ବିକାଶ ପରିକଳ୍ପନା କରି କ'ଣ କ'ଣ କରାଯାଇ ପାରିବ ସେ ବିଷୟରେ ବକ୍ତବ୍ୟରେ ରଖିଥିଲେ। ଟ୍ରାଫିକ ଗୋଲେଇ ଛକରେ ଟ୍ରାଫିକ୍ ପୋଷ୍ଟ ଲଗାଯିବା ପାଇଁ ପ୍ରସ୍ତାବ ରଖିଥିଲେ। ସେହିପରି ଖଣ୍ଡପଡ଼ା ବିଧାୟକ ନୟାଗଡ଼ ସହରରେ ରଘୁ ଓ ଦିବାକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ନୟାଗଡ଼ ଜିଲାର ବିକାଶ ଦିଗରେ ଅନୁରୂପ ମତାମତ ରଖିଥିଲେ। ଇଂରେଜ ସରକାରଙ୍କ ଏଜେଣ୍ଟ ବେଜେଲଗେଟ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ସମ୍ମାନିତ ଅତିଥିମାନେ ଅନୁରୂପ ଅଭିଭାଷଣ ରଖିଥିଲେ। ଜିଲାପାଳ ପିଲାମାନଙ୍କୁ କହିଲେ ଯେ, ଇତିହାସ ପଢ଼, ପଠାଣି ସାମନ୍ତ ଏବଂ ବିଶିଷ୍ଟ ମହାପୁରୁଷମାନଙ୍କର ବିଷୟରେ ପଢ଼ିଲେ ଆଗକୁ ବଢ଼ିପାରିବ। ଶହୀଦମାନଙ୍କର ଜୀବନୀ ପ୍ରେରଣା ଦେଇଥାଏ। ଶେଷରେ ଧନ୍ୟବାଦ ପ୍ରଦାନ ପୂର୍ବକ ସଭା ସାଙ୍ଗ କରାଯାଇଥିଲା।

# ପ୍ରବେଶ ଉତ୍ସବ, ଖଡ଼ିଛୁଆଁ କାର୍ଯ୍ୟକ୍ରମ

ଓଡଗାଁ,୪।୪(ନାରାୟଣ ପାଣିଗ୍ରାହୀ)

ନୂତନ ଶିକ୍ଷା ବର୍ଷରେ ନୂଆ ପିଲାଙ୍କୁ ବିଦ୍ୟାଳୟକୁ ସ୍ୱାଗତ କରିବାକୁ ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏନ୍ଏସି ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଓଡ଼ଗାଁଠାରେ ମଣ୍ଡଳସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏବିଇଓ ରାଜ କିଶୋର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ଓଡଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ସମ୍ମାନିତ ଅତିଥି ଭାବରେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା, ଓଡଗାଁ ମଣ୍ଡଳ ଭାଜପା ସଭାପତି ସଞ୍ଜୟ କୁମାର ସାହୁ, ପ୍ରଧାନ ଶିକ୍ଷକ କାର୍ତ୍ତିକେଶ୍ୱର ପଣ୍ଡା, ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ପ୍ରମୁଖ ଯୋଗଦେଇଥିଲେ। ଭଲ ପଢିବା, ଭଲ ଖେଳିବା ଏବଂ ବଡ଼ ହୋଇ ଦେଶ ପାଇଁ କାମ କରିବା ବାର୍ତ୍ତା ଏନ୍ଏସି ଅଧିକାରୀ ବେହେରା ପିଲାଙ୍କୁ ଦେଇଥିଲେ। ଆକର୍ଷଣୀୟ ଶିକ୍ଷଣ ସାମଗ୍ରୀ ଏବଂ ସରକାରଙ୍କ ବିଭିନ୍ନ ଯୋଜନା ଅଭିଭାବକମାନଙ୍କୁ ସରକାରୀ ବିଦ୍ୟାଳୟ ପ୍ରତି ଆଗ୍ରହ ସୃଷ୍ଟି କରିବାରେ ସଫଳ ହୋଇଛି ବୋଲି ତହସିଲଦାର ଭୋଇ ମତ ରଖିଥିଲେ। ପରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୩୦ ଜଣ ଶିଶୁବାଟିକା ଛାତ୍ରୀଛାତ୍ରଙ୍କୁ ଖଡ଼ିଛୁଆଁ ସହ ସରକାରଙ୍କ ପକ୍ଷରୁ ଯୋଗେଇ ଦିଆଯାଇଥିବା ସ୍କୁଲ ବ୍ୟାଗ, ପେନସିଲ, ରବର, ସ୍ଲେଟ, ବହି ଇତ୍ୟାଦି ପ୍ରଦାନ କରାଯାଇଥିଲା। କୁନି ପିଲାମାନେ ସେଲଫି ଷ୍ଟାଣ୍ଡରେ ସେଲଫି ନେବା ସହ ବିଭିନ୍ନ ଖେଳନା ସାମଗ୍ରୀ ଦେଖି ବେଶ ଆନନ୍ଦ ଅନୁଭବ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଏହି କାର୍ଯ୍ୟରେ ସହଯୋଗ କରିଥିବା ବେଳେ ସିଆରସିସି ନରେଶ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗଛ ମୂଳରୁ ବିରାଟ ମନ୍ଦିରରେ ପୂଜା ପାଉଛନ୍ତି ନଡ଼ିଆ ରାଣୀ ମା' ତାରିଣୀ

ଶରଣକୁଳ,୪।୪(ଦୀପକ କର)

ଶିଖରପୁର ପଞ୍ଚାୟତ ପାଞ୍ଚ ସାହିର ମିଳିତ ଉଦ୍ୟମରେ ଏକ ଗଛ ମୂଳେ ପୂଜା ପାଉଥିବା ନଡ଼ିଆ ରାଣୀ ମା' ତାରିଣୀଙ୍କ ଏବେ ଏକ ଭବ୍ୟ ମନ୍ଦିର ଶୋଭା ପାଉଛି। ମା'ଙ୍କ ପାଖରେ ମାନସିକ ରଖି ନଡ଼ିଆଟିଏ ଯାଚି ଦେଲେ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ସାହି ବାସିନ୍ଦା କହନ୍ତି। ଏଥିପାଇଁ କେବଳ ଶିଖରପୁର ନୁହେଁ, ଆଖପାଖ ଗାଁ ଗଣ୍ଡାର ଲୋକମାନେ ମଧ ଏହି ପୀଠରେ ମା'ଙ୍କ ଦର୍ଶନ ସାନିଧ ଲାଭ କରିବା ସହ ମାନସିକ ରଖୁଛନ୍ତି। ଆଜକୁ ୨୨ବର୍ଷ ହେଲା ପଣା ସଂକ୍ରାନ୍ତିରେ ମା'ଙ୍କ ପୂଜା ମହୋତ୍ସବ ଅନୁଷ୍ଠିତ ହୋଇ ଆସୁଛି। ମା'ଙ୍କ ନାମରେ ଏକ ସାହିର ନାମକରଣ ତାରିଣୀ ସାହି କରାଯାଇଛି। ସାହି ବାସିନ୍ଦାଙ୍କ ମୁଖ୍ୟ ବୃତ୍ତି କହିଲେ ଚାଷ ।

ଚାଷ କାମରୁ ବିରତ ସମୟରେ ତାରିଣୀ ମଣ୍ଡପରେ ସାହି ବାସିନ୍ଦା ମେଳ ହୁଅନ୍ତି। ମା'ଙ୍କ ପୀଠରେ ପ୍ରତ୍ୟେହ ସନ୍ଧ୍ୟାରେ ଆଳତି ଦେଖିବା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୁଏ। ଆଗାମୀ ପଣା ସଂକ୍ରାନ୍ତିରେ ମା'ଙ୍କ ମେଳା ମହୋତ୍ସବକୁ ଚଳିତବର୍ଷ ଧୂମ୍‌ଧାମରେ ପାଳନ କରିବା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଥିବା ମନ୍ଦିର କମିଟି ସଭାପତି ଅଭିମନ୍ୟୁ ପରିଡ଼ା ସୂଚନା ଦେଇଛନ୍ତି। ଚଳିତବର୍ଷ ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ କମିଟି କର୍ମକର୍ତ୍ତା ଦମରେ ଲାଗି ପଡ଼ିଛନ୍ତି। ମା'ଙ୍କ ମହିମା ଅପାର, ଡାକିଦେଲେ ମା' ଜବାବ୍ ଦିଅନ୍ତି ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଏଣୁ ପ୍ରତ୍ୟେକ ଶୁଭ କାର୍ଯ୍ୟରେ ଲୋକେ ମା'ଙ୍କ ପାଖରେ ପ୍ରଥମେ ପୂଜାର୍ଚ୍ଚନା କରନ୍ତି। କୁହାଯାଏ ମା'ଙ୍କ ଯଜ୍ଞ ଚରୁ ଖାଇଲେ ନିଃସନ୍ତାନଙ୍କ ପୁତ୍ର ସନ୍ତାନ ଜନ୍ମ ହୁଏ। ଏଭଳି ବିଶ୍ୱାସ ରଖି ଅନେକ ନିଃସନ୍ତାନ ଦମ୍ପତି ମା'ଙ୍କ ଯଜ୍ଞ ସମୟରେ ସାମିଲ ହେଉଥିବା ଦେଖିବାକୁ ମିଳେ। ଏହାବ୍ୟତୀତ ମା'ଙ୍କୁ ନେଇ ଅନେକ ଲୋକକଥା ଓ ବିଶ୍ୱାସ ଥିବା ଯୋଗୁ ଏହି ପୀଠର ସ୍ୱତନ୍ତ୍ରତା ରହିଛି।



# ଶ୍ରୀରାମ ବିଳାପ,ବାଳିବଧ, ସୁଗ୍ରୀବ ଅଭିଷେକ

ଦଶପଲ୍ଲା, ୪।୪ (ପ୍ରକାଶ କୁମାର ପାଣି)

## ଦଶପଲ୍ଲା ଲଙ୍କାପୋଡି ଯାତ୍ରାର ୯ ମ ଦିବସ

ଭାରତ ପ୍ରସିଦ୍ଧ, ସର୍ବ ପୁରାତନ ମୁକ୍ତାକାଶ ରଙ୍ଗମଞ୍ଚ ଐତିହାସିକ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ୯ମ ଦିବସ ମଧ୍ୟାହ୍ନରେ ପ୍ରଭୁ ଶ୍ରୀ ଶ୍ରୀ ରଘୁନାଥଙ୍କ ମନ୍ଦିରରେ ଶ୍ରୀରାମ ବିଳାପ, ବାଳିବଧ, ସୁଗ୍ରୀବଙ୍କ ଅଭିଷେକ ନୀତି ପାରମ୍ପରିକ ରୀତିନୀତି ଅନୁଯାଇ ସମ୍ପନ୍ନ ହୋଇଥିଲା । ରାତିରେ ମନ୍ଦିର ସମ୍ମୁଖରେ ରାମଲୀଳା ମଞ୍ଚସ୍ଥ ହୋଇଥିଲା। ଶୋକ ଅଧିର ରାମ ଲକ୍ଷ୍ମଣ ଆଗକୁ ଯାଇ ଦେଖନ୍ତି , ପକ୍ଷ ଛେଦନ ଯନ୍ତ୍ରଣାରେ ଛଟପଟ ହେଉଥିବା ପକ୍ଷୀରାଜ ଜଟାୟୁଙ୍କୁ ଲଙ୍କାଧିପତି ରାବଣ ବଳ ପୂର୍ବକ ଅପହରଣ କରି ଆକାଶ ମାର୍ଗରେ ପୁଷ୍ପକ ବିମାନରେ ଦକ୍ଷିଣ ଦିଗକୁ ଚାଲି ଯାଇଥିବା ବାର୍ତ୍ତା ଦେଇ ଦେହ ତ୍ୟାଗ କରନ୍ତି ଜଟାୟୁ। ସୀତାଙ୍କ ସନ୍ଧାନରେ ଦକ୍ଷିଣ ଦିଗକୁ ପ୍ରଭୁ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣ ଅଗ୍ରସର ହୁଅନ୍ତି ଏବଂ କିଷ୍କିନ୍ଦା ରାଜ୍ୟରେ ପ୍ରବେଶ କରନ୍ତି।



ବାଳି ଓ ସୁଗ୍ରୀବ ଯୁଦ୍ଧର ଏକ ଦୃଶ୍ୟ ।

ପ୍ରବଳ ପରାକ୍ରମୀ ବାନର ରାଜା ବାଳୀଙ୍କ ପ୍ରଭାବରେ ସାନ ଭାଇ ସୁଗ୍ରିବ ଋଷ୍ୟମୁଖ ପର୍ବତରେ ଆତ୍ମଗୋପନ କରନ୍ତି। କପିରାଜ ସୁଗ୍ରୀବଙ୍କ ସହିତ ଜାମ୍ବବାନ ହନୁମାନ , ଅଙ୍ଗଦ, ନଳ, ନୀଳ, ଗବୟ ଓ ଗବାକ୍ଷ ଆଦି ଅଷ୍ଟସେନା ମଧ ଥାନ୍ତି। ସେମାନେ ଋଷିମୁଖ ପର୍ବତ ଉପରୁ ନିରୀକ୍ଷଣ କରି ଦୁଇ ଭାଇଙ୍କୁ ଗୁପ୍ତଚର ମନେକରି ମହାପରାକ୍ରମୀ ଚତୁର ହନୁମାନଙ୍କୁ ବ୍ରାହ୍ମଣ ବେଶରେ ପଠାନ୍ତି। ହନୁମାନ ରାମ ଲକ୍ଷ୍ମଣଙ୍କୁ ଚିହ୍ନିପାରି ଦୁଇ ଭାଇଙ୍କୁ କାନ୍ଧରେ ବସାଇ ସୁଗ୍ରୀବଙ୍କ ପାଖରେ ପହଞ୍ଚାଇବା ପରେ ମୈତ୍ରିର ମହାମିଳନ ପାଳନ ହୁଏ। ଏହାପରେ ସୁଗ୍ରୀବ ମହାବଳୀ ବାଳୀର ସମସ୍ତଙ୍କୁ କର୍ମ ବିଷୟରେ ଶ୍ରୀରାମଙ୍କୁ ଅବଗତ କଲାପରେ ଶ୍ରୀରାମ ବାଳୀବଧ କରିବାକୁ ଶପଥ ନିଅନ୍ତି । ଶ୍ରୀରାମଙ୍କ ବୀରତ୍ୱ ଉପରେ ସୁଗ୍ରୀବଙ୍କ ସନ୍ଦେହ ହେବାରୁ, ପ୍ରଭୁ ସୁଗ୍ରୀବଙ୍କ ସଙ୍କା ଦୂରପାଇଁ ଦୁନ୍ଦୁଭି ଅସ୍ଥି ନିକ୍ଷେପଣ ଓ ସପ୍ତ ଶଳାକା ଛେଦନ କରିବା ପରେ ମହାବୀର ବାନରରାଜ ବାଳୀଙ୍କୁ ବଦ୍ଧକରି ସୁଗ୍ରୀବଙ୍କୁ କିଷ୍କିନ୍ଦା ରାଜ୍ୟରେ ରାଜା ରୂପେ ଅଭିଷେକ କରାଯାଇଥିଲା। ବର୍ତ୍ତମାନ ଦଶପଲ୍ଲା ରାଜ ଦାଣ୍ଡରେ ପୁଷ୍ପକ ବିମାନ ଏବଂ ୩୫ ଫୁଟ ଉଚ୍ଚତା ବିଶିଷ୍ଟ ବିରାଟକାୟ ରାବଣ ମୂର୍ତ୍ତି ଶୋଭାପାଉଛି।

# ଶୋଷ ମେଣ୍ଟାଉଛି କେନାଲ ପାଣି

## ମେଗା ଜଳ ଯୋଗାଣ ପ୍ରକଳ୍ପରୁ ମିଳୁନି ନିୟମିତ ପାଣି



ମହିଳାମାନେ ନାଳରୁ ପାଣି ସଂଗ୍ରହ କରୁଛନ୍ତି ।

**ଯାଜପୁର,୪।୪(ହର୍ଷବର୍ଦ୍ଧନ ବେହେରା):** ଗାଁ ଲୋକଙ୍କ ଶୋଷ ମେଣ୍ଟାଇବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ(ଆରଡବ୍ଲୁଏସ୍ଏସ୍)ର ରିପୋର୍ଟରେ ଜିଲାର ବିଭିନ୍ନ ଗ୍ରାମରେ ପାନୀୟ ଜଳ ସୁବିଧା ପାଇଁ ପ୍ରକଳ୍ପଗୁଡ଼ିର ସଫଳତା ଓ ଅନେକ କାମ ଚାଲିଥିବା ଉଲ୍ଲେଖ ରହୁଛି। ହେଲେ ବାସ୍ତବ କ୍ଷେତ୍ରରେ ଆରଡବ୍ଲୁଏସ୍ଏସ୍‌ର ରିପୋର୍ଟ ପାଣିରେ ସର ପକାଉଛି। ଯାଜପୁର ଜିଲାର ସୁକିନ୍ଦା ଖଣି ପ୍ରଭାବିତ ଅଞ୍ଚଳରେ ଭୂତଳ ଜଳ ଜହର ହୋଇଥିବା ପୂର୍ବରୁ ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ(ସିଜିଡବ୍ଲୁବି) ପକ୍ଷରୁ ରିପୋର୍ଟ ହୋଇ ସାରିଛି। ଅନ୍ୟପକ୍ଷେ ସୁକିନ୍ଦା ବ୍ଲକରେ ଓଡିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେସନ (ଓଏମବିଏଡିସି) ପାଣ୍ଠିରୁ ୨୩୩.୦୪ କୋଟି ଟଙ୍କାର ୩ଟି ପ୍ରକଳ୍ପ ନିର୍ମାଣ ହୋଇଛି। ତଥାପି ଗୋଟିଏ ବି ପ୍ରକଳ୍ପରୁ ନିର୍ଦ୍ଧାରିତ ଗ୍ରାମଗୁଡ଼ିକୁ ଆବଶ୍ୟକ ଜଳଯୋଗାଣ ହୋଇ ପାରିନାହିଁ। ବିଭାଗ ପକ୍ଷରୁ ଶତ ପ୍ରତିଶତ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା କୁହାଯାଉଥିଲେ ହେଁ ଆଜି ବି ରାଁସୋଲ, ଚିଙ୍ଗୁଡିପାଳ, କାଳିଆପାଣି, କଅଁସ, ସଂସାଇଲୋ, ବରଗଡି, କଳରଙ୍ଗୀଅଟା, ତଳଙ୍ଗି, ବାଉଁଶଅଣ୍ଟା, ସୁକୁରଙ୍ଗି, ଓସ୍ତପାଳ, କମର୍ଦ୍ଦା ଆଦି ଅଞ୍ଚଳବାସୀ ପ୍ରକଳ୍ପଗୁଡ଼ିକରୁ ନିୟମିତ ଭାବେ ସ୍ୱଚ୍ଛ ପାଣି ପାଇବାରୁ ବଞ୍ଚିତ ରହିଛନ୍ତି। ଫଳରେ ଖରା ମାସରେ ଅଞ୍ଚଳବାସୀ ବାଧ ହୋଇ ନଳକୂପ, କୁଅ, ନଦୀନାଳ, କେନାଲ ପାଣି ବ୍ୟବହାର କରୁଥିବା ସୂଚନା ମିଳିଛି।

ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ନିର୍ଦ୍ଦେଶ ଅନୁସାରେ, ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ବୋର୍ଡ(ସିଜିଡବ୍ଲୁବି)ର ତଦନ୍ତ ରିପୋର୍ଟରେ ଖଣି ଅଞ୍ଚଳରୁ ୨୩୩ଟି ଭୂତଳ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଇଥିଲା। ସେଥିରେ ଅନୁମୋଦନୀୟ ବା ପରମିଶିବୁଲ ଲିମିଟ ଭାବେ ଲିଟର ପ୍ରତି ୦.୦୫ ମିଲିଗ୍ରାମ(ଏମ୍‌ଜି)ଠାରୁ ବର୍ଷା ଋତୁ ପୂର୍ବରୁ ୩୭ଟି ନମୁନା ଏବଂ ବର୍ଷା ଋତୁ ପରେ ୨୮ଟି ନମୁନାରେ ଅଧିକ କ୍ରୋମିୟମ ଥିବା ଜଣାପଡିଥିଲା। ଚିଙ୍ଗୁଡିପାଳଠାରୁ ସଂଗ୍ରହୀତ ନମୁନାରେ ସର୍ବାଧିକ ୦.୭୩୧୩ ମିଲିଗ୍ରାମ ପର୍ଯ୍ୟନ୍ତ କ୍ରୋମିୟମ ରହିଛି, ଯାହାକି ଅନୁମୋଦନୀୟ ରିପୋର୍ଟଠାରୁ ପ୍ରାୟ ୧୪ ଗୁଣ ଅଧିକ ବୋଲି କୁହାଯାଇଛି। ଏହି ଭୂତଳ ଜଳ ବ୍ୟବହାର କରି ସୁକିନ୍ଦା ଅଞ୍ଚଳବାସୀ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡୁଥିବାନେଇ ଅଭିଯୋଗକାରୀଙ୍କ ଏନଜିଟି ମାମଲା ନମ୍ବର ୭୩/୨୦୨୫/ଇଜେଡରେ ଶତପ୍ରତିଶତ ସତ୍ୟତା ଥିବା ପ୍ରମାଣିତ ହୋଇ ସାରିଛି। ଏହିକ୍ରମରେ ଯାଜପୁର ଜିଲାପାଳଙ୍କୁ ଏକ କାର୍ଯ୍ୟାନୁଷ୍ଠାନ ଯୋଜନା ବା ଆକ୍ସନ ପ୍ଲାନ ପ୍ରସ୍ତୁତ କରି ରିପୋର୍ଟ ଦାଖଲ କରିବାକୁ ଏନଜିଟି ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। ଜିଲାପାଳ ଅମ୍ବରକୁମାର କର ୧୫।୧।୨୦୨୬ରେ ଏନଜିଟି ନିକଟରେ ଆକ୍ସନ ପ୍ଲାନ ରିପୋର୍ଟ ଦାଖଲ କରିଥିଲେ। ଯେଉଁଥିରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ସୁକିନ୍ଦା ବ୍ଲକରେ ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ ଜରିଆରେ ନିର୍ଦ୍ଧାରିତ ଗ୍ରାମରେ ଜଳଯୋଗାଣ ହେଉଛି ବୋଲି ଦର୍ଶାଯାଇଥିଲା। କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ ବୋଲି ପ୍ରଭାବିତ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଚିଙ୍ଗୁଡିପାଳ ପଞ୍ଚାୟତ ବେଣାଗାଡିଆ ଗ୍ରାମବାସୀ ନିକଟସ୍ଥ ଏକ କେନାଲରୁ ପାଣି ଆଣି ପାନୀୟ ଭାବେ ବ୍ୟବହାର କରୁଛନ୍ତି। ଏଭଳି ଅନେକ ଗ୍ରାମବାସୀ ଅନ୍ୟ ଜଳଉତ୍ସଗୁଡିକରୁ ଅନୁପଯୋଗୀ ପାଣି ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଏହାର ସତ୍ୟତା ଖୋଜିବାକୁ କାହାରି ପାଖରେ ଆନ୍ତରିକତା ନ ଥିବା ମନେ ହେଉଛି। ଯଦ୍ୱାରା ବାସ୍ତବ କ୍ଷେତ୍ରରେ ଉପୁଜୁଥିବା ପାଣି ସମସ୍ୟା ଦୂରିଭୂତ ହୋଇ ପାରୁନାହିଁ। କେତେକ ଗ୍ରାମରେ ଖଣି କମ୍ପାନୀଗୁଡିକ ଦ୍ୱାରା ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ପାରୁନାହିଁ। ଫଳରେ ସିଜିଡବ୍ଲୁବି ରିପୋର୍ଟ ପରେ ବି ଲୋକେ ବାଧ ହୋଇ ପାନୀୟ ଅନୁପଯୋଗୀ ଭୂତଳ ଜଳ କିମ୍ବା ନଦୀନାଳ ପାଣି ବ୍ୟବହାର କରି ବିଭିନ୍ନ ଜଳବାହିତ ରୋଗରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳିଛି। ଏ ସଂକ୍ରାନ୍ତରେ ଜିଲା ଆରଡବ୍ଲୁଏସ୍ଏସ୍‌ର ନିର୍ବାହୀ ଯନ୍ତ୍ରୀ ରଶ୍ମିରଞ୍ଜନ ମାର୍ଥାଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ କଲ ଗ୍ରହଣ କରି ନ ଥିଲେ।

# ତୃତୀୟ ଦିବସରେ ମା' ହିଙ୍ଗୁଳାଙ୍କ ଲକ୍ଷ୍ମୀ ବେଶ



ଲକ୍ଷ୍ମୀ ବେଶରେ ମା' ହିଙ୍ଗୁଳା ଭକ୍ତଙ୍କୁ ଦର୍ଶନ ଦେଲେ ।

**ରସୁଲପୁର,୪।୪(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଭୋଟକା ପଞ୍ଚାୟତ ବଇଞ୍ଚପଡ଼ିଆରେ ଚାଲିଥିବା ମା' ହିଙ୍ଗୁଳାଙ୍କ ଯଜ୍ଞ ଉତ୍ସବର ଶନିବାର ତୃତୀୟ ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ମା' ହିଙ୍ଗୁଳା ଭକ୍ତଙ୍କୁ ଲକ୍ଷ୍ମୀ ବେଶରେ ଦର୍ଶନ ଦେଇଛନ୍ତି। ମା'ଙ୍କ ଏହି ଦୁର୍ଲଭ ଦର୍ଶନ ସକାଶେ ସକାଳ ଓ ସନ୍ଧ୍ୟାରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ମା'ଙ୍କୁ ଏହିବେଶରେ ଭୂଷିତ ପାଇଁ ଭକ୍ତ ଓ ମାନସିକଧାରୀ ନାନା ପ୍ରକାର ପୂଜା ସାମଗ୍ରୀ ଆଣି ପୂଜାପାଠ କରିଥିଲେ। ସୂର୍ଯ୍ୟପୂଜା, ଗୋ-ପୂଜା, କୁଣ୍ଡମଣ୍ଡଳ ଶୁଦ୍ଧିକରଣ କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ମା'ଙ୍କୁ ଲକ୍ଷ୍ମୀବେଶରେ ଭୂଷିତ କରାଯିବା ସହ ନାନା ପ୍ରକାର ପୁଷ୍ପରେ ସଜା ଯାଇଥିଲା। ମା'ଙ୍କ ନିକଟରେ ସକାଳ ଧୂପ, ନୈବେଦ୍ୟ ଅର୍ପଣ କରାଯାଇ ଆଳତି ଉତ୍ସବ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନ ନୀତିଭୋଗରେ ଖିରି ଓ ଖେଚୁଡି ଭୋଗଲାଗି କରାଯାଇଥିଲା। ସନ୍ଧ୍ୟାରେ ମା'ଙ୍କ ନିକଟରେ ଆଳତି ଉତ୍ସବ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା। ଏହି ସମୟରେ ମନ୍ଦିର ବେଢାରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ମା' ହିଙ୍ଗୁଳାଙ୍କ ବୀଜମନ୍ତ୍ରରେ ୯୦୦ ଘୃତ ଆହୁତି ପ୍ରଦାନ କରାଯାଇଥିଲା। ଏଥିସହ ଯଜ୍ଞ ଉତ୍ସବର ପୂର୍ଣ୍ଣାହୂତି ପର୍ବ ପାଇଁ ପ୍ରସ୍ତୁତି କରାଯାଇଥିଲା।

ରବିବାର ପ୍ରତ୍ୟୁଷରେ ମା'ଙ୍କ ଯଜ୍ଞର ପୂର୍ଣ୍ଣାହୂତି ପର୍ବ ଅନୁଷ୍ଠିତ ହେବ। ଏହି ସମୟରେ ଶ୍ରଦ୍ଧାଳୁଙ୍କ ଭିଡ଼ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ପୂଜା ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପଣ୍ଡିତଙ୍କ ଦ୍ୱାରା ଯଜ୍ଞକୁଣ୍ଡରେ ଶେଷ ଅର୍ଘ୍ୟ ଅର୍ପଣ ସହ ମାନସିକଧାରୀ ଓ କଳସଧାରୀ ଯଜ୍ଞାଗ୍ନିରେ ଅର୍ଘ୍ୟ ଅର୍ପଣ କରିବେ। ଏହି ସମୟରେ ଭକ୍ତଙ୍କ ମଧ୍ୟରେ ଠେଲାପେଲା ନ ହେବା ପାଇଁ କମିଟି ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଭକ୍ତ ଯଜ୍ଞ କୁଣ୍ଡରେ ଅର୍ପଣ କରିବା ପାଇଁ ଆଣିଥିବା ମାନସିକ ଦ୍ରବ୍ୟକୁ ସିଧାସଳଖ ପ୍ରଦାନ ନ କରିବାକୁ ନିୟମ କରାଯାଇଛି। ମାନସିକ ସାମଗ୍ରୀକୁ ଗୋଟିଏ ସ୍ଥାନରେ ଏକାଠି ରଖାଯିବ। ପରେ ଜଣେ ଜଣେ ଭକ୍ତ ଆସି ସେମାନଙ୍କ ଦ୍ରବ୍ୟକୁ ଅର୍ପଣ କରିବା ସହ ମା'ଙ୍କ ଆଶିଷ ଲାଭ କରିବାର ସୁଯୋଗ ପାଇବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସନ୍ଧ୍ୟାରେ ଯଜ୍ଞ ପୂର୍ଣ୍ଣାହୁତି ପରେ ନିକଟ ଗ୍ରାମଗୁଡ଼ିକରେ ଚରୁଭୋଗ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବ ବୋଲି ପଣ୍ଡିତମାନେ ସୂଚନା ଦେଇଛନ୍ତି।

# ତରାପୁର ହିଙ୍ଗୁଳା ପୀଠରେ ଆବିର୍ଭୂତ ହେଲେ ମା'

**ବ୍ୟାସନଗର,୪।୪(ପବିତ୍ର ରଞ୍ଜନ ମହାନ୍ତି):** ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତ ତରାପୁର ଗ୍ରାମର ଆରାଧ୍ୟା ଦେବୀ ମା' ହିଙ୍ଗୁଳାଙ୍କ ୯୦ତମ ମହାଯଜ୍ଞୋତ୍ସବ ଆରମ୍ଭ ହୋଇଛି। ଶୁକ୍ରବାର ଅପରାହ୍ନରେ ମା' ହିଙ୍ଗୁଳାଙ୍କ ଆବିର୍ଭାବ ହେବାଫଳରେ ପଣା ହାଣ୍ଡିରେ ଘୋଡ଼ା ହୋଇଥିବା ପାଟ ବସ୍ତ୍ରରେ ସ୍ୱତଃ ଅଗ୍ନି ସଂଯୋଗ ହୋଇଥିଲା। ପରେ ପୂଜକ ଏହି ଅଗ୍ନି ନେଇ ଯଜ୍ଞ କୁଣ୍ଡରେ ସଂଯୋଗ କରିଥିଲେ। ସନ୍ଧ୍ୟାରେ ନାମ ସଂକୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନାଟକ ପରିବେଷଣ କରାଯାଇଥିଲା। ରବିବାର ରାତ୍ର ୪ଟାରେ ମହାଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ପରଦିନ ପ୍ରଭାତରେ ଯଜ୍ଞ ଚରୁ ବଣ୍ଟନ କରାଯିବ। ସୋମବାର ନାମଯଜ୍ଞ କମିଟି ଏବଂ ଭକ୍ତଙ୍କ ଉପସ୍ଥିତିରେ ନଗର ପରିକ୍ରମା କରାଯିବା ସହିତ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି। ଏହି ଦିନ ଆଞ୍ଚଳିକ ହିଙ୍ଗୁଳା ନାମଯଜ୍ଞ କମିଟି ଦ୍ୱାରା ୨୪ ପ୍ରହର ନାମଯଜ୍ଞର ଶୁଭାଧିବାସ ଅନୁଷ୍ଠିତ ହେବ। ସେହିପରି ୯ ତାରିଖ ଗୁରୁବାର ସକାଳ ୮ଟାରେ ମହାମାୟୀଙ୍କ ମହାସ୍ନାନ ପରେ ୯ଟାରେ ବାଲ୍ୟଲୀଳା ଅନୁଷ୍ଠିତ ହେବ। ଅପରାହ୍ନ ୧ଟାରେ ଯଜ୍ଞଭସ୍ମର ଶୋଭାଯାତ୍ରା ଆରମ୍ଭ ହୋଇ ସୂର୍ଯ୍ୟାସ୍ତ ପୂର୍ବରୁ ପୂଣ୍ୟତୋୟା ବୈତରଣୀ ନଦୀରେ ବିସର୍ଜନ କରାଯିବ ବୋଲି କମିଟି ସଭାପତି ନରୋତ୍ତମ ଜେନା ଏବଂ ସମ୍ପାଦକ ନନ୍ଦକିଶୋର ସାହୁ ସୂଚନା ଦେଇଛନ୍ତି।

# ଘୂର୍ଣ୍ଣିଝଡ଼ରେ ବ୍ୟାପକ କ୍ଷୟକ୍ଷତି

**ବ୍ରହ୍ମବରଦା,୪।୪(ଯଯାତି କେଶରୀ ବେହେରା):** ରସୁଲପୁର ବ୍ଲକ୍ ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ହୋଇଥିବା ଘୂର୍ଣ୍ଣିଝଡ଼ରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ହଠାତ ବର୍ଷା ସହିତ ପବନ ଆରମ୍ଭ ହୋଇଥିଲା।



ଘୂର୍ଣ୍ଣି ଝଡ଼ରେ ଭାଙ୍ଗିପଡ଼ିଥିବା ଏକ ଗଛ ।

ଏହାପରେ ବିଜୁଳି ଓ ଘଡ଼ଘଡ଼ି ମାରିଥିଲା। ଏଥିଯୋଗୁ ବ୍ରହ୍ମବରଦା, ବନ୍ଧଡ଼ିହ, ଝାଲପଡ଼ା, ମହେଶ୍ୱରପୁର ଅଞ୍ଚଳରେ କ୍ଷୟକ୍ଷତି ହୋଇଥିଲା। ବନ୍ଧଡ଼ିହ ପଞ୍ଚାୟତର ରାମମନ୍ଦିର ନିକଟରେ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିଥିଲା। ଫଳରେ ରାସ୍ତା ଅବରୋଧ ହୋଇଥିଲା। ସ୍ଥାନୀୟ ଯୁବକଙ୍କ ସହାୟତାରେ ଗଛ କାଟାଯାଇ ରାସ୍ତା ସଫା କରାଯାଇଥିଲା। ଏହି ଅଦିନିଆ ବର୍ଷା ଅମଳ ହୋଇ ବିଲରେ ଥିବା ଚିନାବାଦାମ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବିଜୟ



@ ପ୍ରିୟଙ୍କା



@ ହୋଲିଆ



@ ବାପୁ



@ ଓମ୍‌ପ୍ରସାଦ



@ ଶିବପ୍ରସାଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ଓଡ଼ିଆରେ ନାମ ଫଳକ' ସଚେତନତା ପଦଯାତ୍ରା




ଜିଲା ଶ୍ରମ ବିଭାଗ ପକ୍ଷରୁ ବାହାରିଥିବା ଓଡ଼ିଆରେ ନାମ ଫଳକ ଲେଖା ସଚେତନତା ପଦଯାତ୍ରା ।

**ଯାଜପୁରଟାଉନ,୪।୪ (ପ୍ରଯଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):** ଏପ୍ରିଲ ୧ରୁ ୧୪ତାରିଖ ଯାଏ ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ଜିଲା ପ୍ରଶାସନ ଏବଂ ଜିଲା ଶ୍ରମ ବିଭାଗ ପକ୍ଷରୁ ଓଡ଼ିଆରେ ନାମ ଫଳକ ଲେଖା ସଚେତନତା ପଦଯାତ୍ରା ଓ ତତ୍ ସମ୍ବନ୍ଧୀୟ ଏକ ସଚେତନତା ସଭା ବ୍ୟାସନଗର ପୌରପାଳିକା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲାପାଳ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶକ୍ରମେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ବ୍ୟାସନଗର ପୌରପରିଷଦ କାର୍ଯ୍ୟାଳୟଠାରେ ପତାକା ଦେଖାଇ ଏହି ପଦଯାତ୍ରା ଓ ପ୍ରଚାର ଗାଡିର ଶୁଭାରମ୍ଭ କରିଥିଲେ। ଏଥିରେ ଯୁଗ୍ମ ଶ୍ରମ ଆଯୁକ୍ତ ଶିବ ଶଙ୍କର ମିଶ୍ର, ପ୍ରଭାଗୀୟ ଶ୍ରମ ଆଯୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟ, ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ଦେବାଶିଷ ଜେନା ଓ ବ୍ୟାସନଗର ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ ଉପସ୍ଥିତ ଥିଲେ। ଉକ୍ତ ପଦଯାତ୍ରାରେ ବ୍ୟାସନଗରର ସମସ୍ତ ବ୍ୟବସାୟୀ ସଂଘ, ଶ୍ରମିକ ସଂଗଠନ ପ୍ରତିନିଧି, ସ୍ୱେଚ୍ଛାସେବୀ, ବ୍ୟାସନଗର କଲେଜର ଛାତ୍ରଛାତ୍ରୀ ସାମିଲ ହୋଇ ସହର ପରିକ୍ରମା କରିବା ସହିତ ଶ୍ରମ ବିଭାଗ ଦ୍ୱାରା ଓଡ଼ିଆରେ ନାମଫଳକ ଲାଗି ନ ଥିବା ବ୍ୟବସାୟ ପ୍ରତିଷ୍ଠାନ ତଥା ଦୋକାନ ଗୁଡିକରେ ପ୍ରଚାରପତ୍ର ଓ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଜିଲାରେ କାର୍ଯ୍ୟରତ ସମସ୍ତ ସହକାରୀ ଶ୍ରମ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥି ସହିତ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ ପ୍ରଚାର ବାଣୀ ଓ ପ୍ରଚାର ପତ୍ର ମାଧ୍ୟମରେ ଯାଜପୁର ରୋଡ ଏବଂ ଯାଜପୁର ଟାଉନରେ ସଚେତନତା ସୃଷ୍ଟି କରାଯାଇଥିଲା। ଏତଦବ୍ୟତୀତ ସହକାରୀ ଶ୍ରମ ଅଧିକାରୀମାନେ ଏକ ସ୍ୱତନ୍ତ୍ର ଅଭିଯାନରେ ନିରୀକ୍ଷଣ କରିବା ପରେ ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନକୁ ୭ ଏପ୍ରିଲ ମଧ୍ୟରେ ନୋଟିସ ଜାରି କରାଯିବ ବୋଲି କହିଥିଲେ। ଏଥିରେ ଖିଲାଫ କଲେ ଓଡିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିଛି।

# ଶିକ୍ଷା ହିଁ ଜୀବନରେ ଉନ୍ନତିର ପ୍ରମୁଖ ମାଧ୍ୟମ

## ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ




ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

**ଯାଜପୁର ଟାଉନ,୪।୪ (ପ୍ରଯଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):** ଦଶରଥପୁର ବ୍ଲକ ଅନ୍ତର୍ଗତ ଖଣ୍ଡରାସ୍ଥିତ ପିଏମ୍‌ଶ୍ରୀ ରାମ ଲକ୍ଷ୍ମଣ ସରକାରୀ ହାଇସ୍କୁଲରେ ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ ଯୋଗ ଦେଇଥିଲେ। ଶିଶୁମାନଙ୍କ ମଙ୍ଗଳ କାମନା କରି ପୂଜାର୍ଚ୍ଚନା ଏବଂ ମନ୍ତ୍ରପାଠ ପରେ ଅତିଥିମାନେ ଶିଶୁ ବାଟିକା ଏବଂ ପ୍ରଥମ ଶ୍ରେଣୀର ବହୁ ଶିଶୁଙ୍କ ଖଡ଼ିଛୁଆଁ କରିଥିଲେ। ଅତିରିକ୍ତ ଜିଲାପାଳ ତାଙ୍କ ବକ୍ତବ୍ୟରେ କହିଥିଲେ, ଶିକ୍ଷା ହିଁ ଜୀବନରେ ଉନ୍ନତିର ପ୍ରମୁଖ ମାଧ୍ୟମ। ଏଥିସହିତ ସେ ଶିଶୁମାନଙ୍କ ଉଚିତ ଯତ୍ନ ନେବା ପାଇଁ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦଶରଥପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ, ଜିଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସତ୍ୟବ୍ରତ ପାଣିଗ୍ରାହୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଶାନ୍ତିଲତା ସେଠୀ, ମଣ୍ଡଳ ଶିକ୍ଷା ଅଧିକାରୀ ଶାନ୍ତନୁ ମଲ୍ଲିକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧ ଏବଂ ସବିତା ସାହୁ ଯୋଗ ଦେଇଥିଲେ।

କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ତୁଷାରକାନ୍ତି ମିଶ୍ର ପୌରୋହିତ୍ୟ କରିଥିବାବେଳେ ଜିଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ ଏହାର ସଫଳ ରୂପାୟନ କରିଥିଲେ। ଏହି ଅବସରରେ ଅତିଥିମାନେ ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ଗୁଞ୍ଜନ'ର ଉନ୍ମୋଚନ କରିଥିଲେ। ନୂଆ କରି ବିଦ୍ୟାଳୟରେ ପ୍ରବେଶ କରିଥିବା କୁନି କୁନି ଶିଶୁଙ୍କୁ ସିଲଟ, ବ୍ୟାଗ୍ ସହ ମିଷ୍ଟାନ୍ନ ଓ ଚକୋଲେଟ୍ ବଣ୍ଟନ କରାଯାଇଥିଲା। ଏହାପରେ ଶିଶୁମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟ ପରିବେଷଣ କରିଥିଲେ। ଅତିଥିମାନେ 'ଆସ ସଭିଏଁ ସ୍କୁଲ ଯିବା' ସଚେତନତା ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପକ୍ଷରୁ ରଙ୍ଗ ଦୁନିଆ, ଗପ ରାଇଜ, ଖେଳ ଘର ଇତ୍ୟାଦି ଷ୍ଟଲ୍ ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ପୂର୍ବତନଶିକ୍ଷକ, ଅଭିଭାବକ, ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

**ପୁଣି ନାବାଳିକା ଅପହରଣ ଅଭିଯୋଗ**

କୁଜଙ୍ଗ,(ମନୋଜ ପ୍ରଧାନ): କୁଜଙ୍ଗ ଥାନା ପୋଲିସ ଜନୈକା ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବାର ମାତ୍ର ୨ ସପ୍ତାହ ମଧ୍ୟରେ ପୁଣି ତାଙ୍କୁ ଜଣେ ଯୁବକ ଅପହରଣ କରିଥିବା ନେଇ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ନଂ.୯୫/୨୬ରେ ମାମଲା ରୁଜୁ କରିଛି। ୨୦୨୫ ଡିସେମ୍ବର ୮ରେ ୧୪ ବର୍ଷର ନାବାଳିକାଙ୍କୁ ସ୍ଥାନୀୟ ଚନ୍ଦାପାଟ ଗ୍ରାମର ଶମ୍ଭୁ ସାହୁ ଅପହରଣ କରି ନେଇଥିବା ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ମାର୍ଚ୍ଚ ୧୭ରେ ତାମିଲନାଡୁରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ମାତ୍ର ଶମ୍ଭୁ ଗତ ୧ ତାରିଖରେ ପୁଣି ନାବାଳିକାଙ୍କୁ ଅପହରଣ କରିଥିବା ନେଇ ବାପା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ସରକାରୀ ଚାକିରି ଦେବା ନାଁରେ ଠକେଇ, ୫ ଗିରଫ

ଜଗତ୍‌ସିଂହପୁର, ୪।୪ (ପ୍ରମୋଦ କୁମାର ନାୟକ)

କେନ୍ଦ୍ର ସରକାରଙ୍କ ଚାକିରି କରାଇ ଦେବା ବାହାନାରେ ଜଣକା ୨୦ ହଜାର ଟଙ୍କା ଲେଖାଏ ଠକେଇ ସହ ଏକ କମ୍ପାନୀର ସାମଗ୍ରୀ ବିକ୍ରିପାଇଁ ବାଧ୍ୟ କରାଯାଉଥିବା ଭଳି ସଙ୍ଗିନ ଅଭିଯୋଗ ଉପରେ ଜଗତ୍‌ସିଂହପୁର ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏ ନେଇ ପୋଲିସ ନଂ. ୨୯୬/୨୬ରେ ମାମଲା ରୁଜୁ କରିଛି। ମୁଖ୍ୟ ଅଭିଯୁକ୍ତ ତଥା ଏରସମା ଥାନା କୁଞ୍ଜକୋଠୀର ମଦନ ଘଡେଇ (୩୦)ଙ୍କ ସମେତ ପଶ୍ଚିମବଙ୍ଗ ପୂର୍ବ ମେଦିନିପୁର ଜିଲ୍ଲା ଅନ୍ତର୍ଗତ ଖଜୁରି ଥାନା କଣ୍ଟିବାରି ଗ୍ରାମର ଶିବ ଶଙ୍କର ବେରା (୨୫), ଏହି ଜିଲ୍ଲା ତପଚିଘାଟ କୋଷ୍ଟାଲ ଥାନା ଅନ୍ତର୍ଗତ ସୁତ କୁମାରୀ ଗ୍ରାମର ଶଶାଙ୍କର କରଣ (୨୫), ଖଜୁରି ଥାନା ଅଜୟ ଗ୍ରାମର ରାଜକାନ୍ତ ମୈତି (୩୨) ଓ ସୋନପୁର ଜିଲ୍ଲା ଡୁଙ୍ଗୁରିପାଲିର ପୁରନ୍ଦର ବାଘ (୨୬)ଙ୍କୁ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ପରେ ସେମାନଙ୍କ ନିକଟରୁ ମୋବାଇଲ ଫୋନ, ନକଲି କାଗଜାତ ଓ ନକଲି ଉତ୍ପାଦ (ସାମଗ୍ରୀ) ଜବତ ହୋଇଛି। ଏଥିସହ ସ୍ଥାନୀୟ ହାଟ ବଜାର-ଗାଲୁପଡ଼ା ନିକଟ



ଖବରଦାତା ସମ୍ମିଳନୀରେ ଏସ୍‌ପି ଅଙ୍କିତ କୁମାର ବର୍ମା ସୂଚନା ଦେଉଛନ୍ତି।

ଏକ ୩ ତଳ ବିଶିଷ୍ଟ ବିଲ୍ଡିଂରୁ ୨୬ ଜଣଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ପରିବାରକୁ ଖବର ଦିଆଯାଇଛି। ଯେଉଁମାନଙ୍କ ମଧ୍ୟରୁ ୨ ଜଣ ନାବାଳକ ଥିବା ଶନିବାର ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି।

ଏସ୍‌ପି ବର୍ମା କହିଛନ୍ତି, ଚାକିରି ପାଇଁ ଆଶାୟୀ ଥିବା ଅନେକ ଯୁବକଙ୍କୁ ପାରାଦୀପ କୃଷି ବିଜ୍ଞାନ କେନ୍ଦ୍ରରେ ନିଯୁକ୍ତି କରାଇଦେବା ମିଥ୍ୟା ପ୍ରତିଶ୍ରୁତି ଦିଆଯାଇ ଠକେଇ ହୋଇଥିବା ଜଣାଯାଇଛି। ଏହି ରାକେଟ୍‌ରେ ସମ୍ପୃକ୍ତ ୫ ଜଣ ସକ୍ରିୟ ଅଛନ୍ତି। ସେମାନେ ଆଶାୟୀମାନଙ୍କଠାରୁ ୨୦ ହଜାର ଟଙ୍କା ଲେଖାଏ ନେଇ ପରବର୍ତ୍ତୀ ସମୟରେ ଗାଲୱେ କମ୍ପାନୀ ନାମକ ବେସରକାରୀ ସଂସ୍ଥାରେ ସାମଗ୍ରୀ ବିକ୍ରି ପାଇଁ ୭ ଦିନିଆ ତାଲିମ ଦେଉଥିଲେ। ତାଲିମ ପରେ ଜଣକା ପାଖାପାଖି ୧୨ ହଜାର ଟଙ୍କା ହିସାବରେ ସାମଗ୍ରୀ ବିକ୍ରି ପାଇଁ ଦେଉଥିଲେ। ପଶ୍ଚିମବଙ୍ଗର ଜଣେ ବି. ଟେକ୍ ସ୍ନାତକ ଯୁବକ ଏଭଳି ଠକେଇର ଶିକାର ହେବା ପରେ ଘଟଣା ପଦାକୁ ଆସିଥିଲା। ସମ୍ପୃକ୍ତ ଯୁବକଙ୍କୁ ଉପରୋକ୍ତ କମ୍ପାନୀର ସାମଗ୍ରୀ ବିକ୍ରି ପାଇଁ କେବଳ ନିଯୁକ୍ତ କରାଯାଇ ନ ଥିଲା ବରଂ ତାଙ୍କୁ ନିର୍ଯାତନା ଦିଆଯାଇଥିଲା। ଗାଲୁପଡ଼ା ନିକଟ ଏକ ଘରେ ସେମାନଙ୍କୁ ରଖାଯିବା ସହ ବିନା ଅନୁମତିରେ କେହି ବାହାରକୁ ଯାଇପାରିବେ ନାହିଁ ବୋଲି କଟକଣା ଜାରି କରାଯାଇଥିଲା। ଏପରି କି କେହି ଚାହିଁଲେ ସେମାନଙ୍କ ପରିବାର ସହ ମଧ୍ୟ ଯୋଗାଯୋଗ କରିପାରିବେ ନାହିଁ ବୋଲି କୁହାଯାଇଥିଲା। ଏ ପରିସ୍ଥିତିରେ ବି. ଟେକ୍ ଯୁବକ ଜଣକ କୌଣସି ମତେ ତାଙ୍କ ଭାଇଙ୍କ ସହ ଯୋଗାଯୋଗ କରି ସବୁକଥା ଜଣାଇଥିଲେ। ପରେ ଯୁବକଙ୍କ ଭାଇ ତାଙ୍କୁ ଫୋନ କରି ସହଯୋଗ ମାଗିଥିବା ଏସ୍‌ପି ଜଣାଇଛନ୍ତି। ତେବେ ତାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ସତ୍ୟବ୍ରତ ଦାଶଙ୍କ ନେତୃତ୍ୱରେ ଏସ୍‌ଡିପିଓ ଅଜିଙ୍କ୍ୟ ମାଣେ ଓ ଅତିରିକ୍ତ ଆଇଆଇସି ମହମ୍ମଦ ସୁରଜଙ୍କୁ ନେଇ ଏକ ଦଳ ଗଠନ କରାଯାଇଥିଲା। ଏହି ଦଳ ଗାଲୁପଡ଼ାସ୍ଥିତ ବିଲ୍ଡିଂରେ ଚଢାଉ କରି ସଫଳତା ପାଇଛି। ଜଗତ୍‌ସିଂହପୁର ପୋଲିସ ଏହିପରି ଠକେଇ ଓ ମାନବ ଚାଲାଣ ନେଟୱର୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତିବଦ୍ଧ। ତେଣୁ ପୂରା ରାକେଟ୍‌ରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଗିରଫ ପାଇଁ ଚେଷ୍ଟା ଜାରି ରହିଛି। ଲୋକେ ଏ ବାବଦରେ ସଚେତନ ହେବା ସହ ଏଭଳି ଖବର ପାଇଲେ ତୁରନ୍ତ ପୋଲିସକୁ ଖବର ଦେବାକୁ ଏସ୍‌ପି ସୂଚନା ଦେଇଛନ୍ତି। ମୁଖ୍ୟ ଅଭିଯୁକ୍ତ ଘଡେଇଙ୍କ ନାଁରେ ଜଗତ୍‌ସିଂହପୁର ଥାନାରେ ୧୭।୮।୨୪ରେ ନଂ. ୭୬୫/୨୪ରେ ମାମଲା ଓ ୬।୯।୨୪ରେ ନଂ. ୮୫୯/୨୪ ରୁଜୁ ହୋଇଥିବା ଏସ୍‌ପି କହିଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ଦାଶ, ଏସ୍‌ଡିପିଓ ମାଣେ ଓ ଜଗତ୍‌ସିଂହପୁର ଆଇଆଇସି ସରୋଜକାନ୍ତ ସାମଲ ଉପସ୍ଥିତ ଥିଲେ।

■ ଜଗତ୍‌ସିଂହପୁର ସହରରେ ନକଲି ନିଯୁକ୍ତିଦାତା ରାକେଟ୍
■ ଜଣକା ୨୦ ହଜାର ଟଙ୍କା ଲେଖାଏ ନିଆଯାଇଥିଲା
■ ୨୬ ଜଣଙ୍କୁ ଉଦ୍ଧାର କଲା ପୋଲିସ

# ଜିଲ୍ଲାସ୍ତରୀୟ କୁନି ପିଲାଙ୍କ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ

ଜଗତ୍‌ସିଂହପୁର, ୪।୪ (ପ୍ରମୋଦ କୁମାର ନାୟକ)

ସ୍ଥାନୀୟ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ନୂତନ ଭାବେ ବିଦ୍ୟାଳୟକୁ ପ୍ରବେଶ କରିଥିବା କୁନିକୁନି ପିଲାମାନଙ୍କୁ ସ୍ନେହଭରା କଥା କହି ପାଠ ପଢିବାକୁ ଆକର୍ଷିତ କରିଥିଲେ। ଏଥିସହ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥିତ ଅଭିଭାବକ ଓ ପିଲାଙ୍କୁ କେତେକ ପରାମର୍ଶ ଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଦିବସର ତାତ୍ପର୍ଯ୍ୟ ବିଶେଷ କରି ପିଲାମାନଙ୍କ ମଧ୍ୟରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଲକ୍ଷେହୀରା ଲାବଣ୍ୟବତୀ ବେହେରା, ଜଗତ୍‌ସିଂହପୁର ବ୍ଲକ ଶିକ୍ଷା ଅଧିକାରିଣୀ ମଧୁସ୍ମିତା ପତି, ୨ ନଂ. ୱାର୍ଡର କାଉନସିଲର ମିଳିବାଳା ସେଠୀ, ୩ ନଂ. ୱାର୍ଡର କାଉନସିଲର ଜୟନ୍ତୀ ମାହାଳୀ ଓ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରଘୁନାଥ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ଏହି ଉତ୍ସବକୁ ବର୍ଣ୍ଣାଢ୍ୟ କରିବା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟରେ ନୂଆକରି ପ୍ରବେଶ କରିଥିବା ଛାତ୍ରୀଛାତ୍ରଙ୍କୁ ଖଡ଼ିଛୁଆଁ କରାଯାଇଥିଲା। ପରେ ଶିକ୍ଷା ସଚେତନତା ରଥ ଉଦ୍‌ଘାଟିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ଭୂୟାଁ, ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ, ଶୈକ୍ଷିକ ସଂଯୋଜକ ତପନ କୁମାର ନନ୍ଦ, ଅନୁସୂଚିତ ଜାତି ଓ ଜନଜାତି ସଂଯୋଜିକା ଡ. ସସ୍ମିତା ବାରିକ କାର୍ଯ୍ୟକ୍ରମ ସଫଳ କରିବାରେ ପୂର୍ଣ୍ଣ ସହଯୋଗ କରିଥିଲେ। ବିଦ୍ୟାଳୟ ଏଫ୍‌ଏଲ୍‌ଏନ୍ ଶିକ୍ଷକ ସ୍ୱର୍ଣ୍ଣଲତା ବେହେରା, କଲ୍ୟାଣୀ ବାଇ ଓ ଝୁନା ମଣ୍ଡଳଙ୍କ ତତ୍ତ୍ୱାବଧାନରେ ରଙ୍ଗପସରା, ଖେଳଘର ଓ ଗପରାଇଜ ସମ୍ପର୍କିତ ୩ଟି ଷ୍ଟଲ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲା। ପଣ୍ଡିତ ସତ୍ୟଜିତ ଶତପଥୀ ଖଡ଼ିଛୁଆଁ ସମୟରେ ମନ୍ତ୍ର ପାଠ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ ମହାନ୍ତି ଅତିଥି ପରିଚୟ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଭୂୟାଁ ଧନ୍ୟବାଦ ଦେଇଥିଲେ।



# ଶ୍ୱଶୁର ଘରେ ଜ୍ୱାଇଁଙ୍କ ଉନ୍ମତ୍ତକାଣ୍ଡ: ଅଭିଯୁକ୍ତ ଗିରଫ

ଏରସମା, ୪।୪ (ଦୀପ୍ତି ଖଣ୍ଡୁଆଳ)

ଏରସମା ଥାନା ଅନ୍ତର୍ଗତ ଗଡ଼ବିଶୁନିପୁର ପଞ୍ଚାୟତସ୍ଥିତ ବାଉଳପୁର ଗ୍ରାମରେ ଶନିବାର ଶ୍ୱଶୁର ଘରେ ଜ୍ୱାଇଁ ଘଟାଇଥିବା ଉନ୍ମତ୍ତକାଣ୍ଡ ଚର୍ଚ୍ଚାର ବିଷୟ ହୋଇଛି। ଫେରାର ଅଭିଯୁକ୍ତ ଜ୍ୱାଇଁ ଗିରଫ ହୋଇଛନ୍ତି। ତିର୍ତ୍ତୋଲ ଥାନା ଅନ୍ତର୍ଗତ ପିମ୍ପଳମାଧବ ଗ୍ରାମର ଆଦର୍ଶ ବାରିକ (୨୮) ୨ ବର୍ଷ ତଳେ ବଉଳପୁର ଗ୍ରାମର ମାନି ସ୍ୱାଇଁଙ୍କୁ ଭଲପାଇ ବିବାହ କରିଥିଲେ। ବିବାହର କିଛିଦିନ ଭଲରେ କଟିଥିଲା। ମାତ୍ର ପରେ କୌଣସି ଘଟଣାକୁ ନେଇ ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥିଲା। ବିବାଦ ବଢ଼ିବାରୁ ମାନି ୪ ମାସ ତଳେ ଗାଁକୁ ପଳେଇ ଆସିଥିଲେ। ଭଦ୍ର ଲୋକଙ୍କ ଉପସ୍ଥିତିରେ ନ୍ୟାୟ ବସିଥିଲା। ମାନି ଆଉ ଶାଶୁ ଘରକୁ ଯିବେ ନାହିଁ ବୋଲି କହିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଶନିବାର ଆଦର୍ଶ ଶ୍ୱଶୁର ଘରକୁ ଆସି ଗାଳିଗୁଲଜ କରିବା ସହିତ କଟୁରିରେ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୧୨୦/୨୬ରେ ମାମଲା ରୁଜୁ କରି ଅଭିଯୁକ୍ତ ଜ୍ୱାଇଁ ଆଦର୍ଶଙ୍କୁ ପିମ୍ପଳ ମାଧବ ଗ୍ରାମରୁ ଗିରଫ କରିଥିବା ଆଇଆଇସି ପ୍ରେମଜିତ ଦାସଙ୍କଠାରୁ ସୂଚନା ମିଳିଛି।

# ଗୋରେଖନାଥ ପୀଠ ଭୋଗ, ଦୀପ ଦୋକାନ ପୁନଃ ନିଲାମ

ରଘୁନାଥପୁର, ୪।୪ (ରାଜେନ୍ଦ୍ର ନାରାୟଣ ସିଂହ)

**ଭୋଗ ୧ କୋଟି ୨୫ ଲକ୍ଷ, ଦୀପ ୮୬ ଲକ୍ଷ ଟଙ୍କା**

ଜଗତ୍‌ସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ଭୋଗ ଓ ଦୀପ ଦୋକାନର ପୁନଃ ନିଲାମ ପ୍ରକ୍ରିୟା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭୋଗ ଦୋକାନ ପାଇଁ ୪ ଜଣ ନିଲାମୀରେ ଅଂଶଗ୍ରହଣ କରିଥିବାବେଳେ ସର୍ବୋଚ୍ଚ ମୂଲ୍ୟ ୧ କୋଟି ୨୫ ଲକ୍ଷ ଟଙ୍କାରେ ଭରତ ସାହୁ ଏହାକୁ ନିଲାମ ଧରିଥିଲେ। ସେହିପରି ଦୀପ ଦୋକାନ ପାଇଁ ୩ ଜଣ ଫର୍ମ ପକାଇଥିବା ବେଳେ ସର୍ବୋଚ୍ଚ ମୂଲ୍ୟ ୮୬ ଲକ୍ଷ ଟଙ୍କାରେ ଶମ୍ଭୁନାଥ ପଣ୍ଡାଙ୍କୁ ଏହା ପ୍ରାପ୍ତ ହୋଇଛି। ସର୍ବୋଚ୍ଚ ମୂଲ୍ୟରେ ନିଲାମ ଧରିଥିବା ବ୍ୟକ୍ତିମାନେ ଏପ୍ରିଲ ୬ ସୁଦ୍ଧା ସମସ୍ତ ନିଲାମୀ ମୂଲ୍ୟ ପ୍ରଭୁଙ୍କ ନାମରେ ଥିବା ବ୍ୟାଙ୍କ ଆକାଉଣ୍ଟରେ ଡିପୋଜିଟ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏହାର ରସିଦ ଦାଖଲ କରି ଏଗ୍ରିମେଣ୍ଟ କରିବେ। ଯଦି କୌଣସି ନିଲାମଧାରୀ ଏଥିରେ ଖିଲାପ କରନ୍ତି ତାହା ହେଲେ ସେମାନେ ଦାଖଲ କରିଥିବା ଟଙ୍କାକୁ ବାଜ୍ୟାପ୍ତ କରାଯିବା ସହ ଟେଣ୍ଡର ନିୟମାବଳୀ ଅନୁଯାୟୀ ଦ୍ୱିତୀୟ ସର୍ବାଧିକ ମୂଲ୍ୟ ପକାଇଥିବା ବ୍ୟକ୍ତିଙ୍କୁ ଦୋକାନ ନେବା ପାଇଁ ଆମନ୍ତ୍ରଣ କରାଯିବ। ଉକ୍ତ ବ୍ୟକ୍ତିଙ୍କୁ ସମୟସୀମା ମଧ୍ୟରେ ନିଲାମୀ ମୂଲ୍ୟ ପୈଠ କରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁରୂପ ଭାବେ ରସିଦ ଦାଖଲ କରି ଏଗ୍ରିମେଣ୍ଟ କରିବା ପାଇଁ ନିର୍ଦ୍ଦେଶ ରହିବ। ସୂଚନାଯୋଗ୍ୟ ମାର୍ଚ୍ଚ ୨୫ରେ ଭୋଗ ଓ ଦୀପ ଦୋକାନ ପାଇଁ ହୋଇଥିବା ଟେଣ୍ଡରକୁ କୌଣସି କାରଣରୁ ଉପଜିଲାପାଳଙ୍କ ପକ୍ଷରୁ ବାତିଲ କରାଯାଇଥିଲା। ଏଥିପାଇଁ ପୁଣି ବିଜ୍ଞପ୍ତି ପ୍ରକାଶ ପାଇ ଶନିବାର ଟେଣ୍ଡର ଅନୁଷ୍ଠିତ ହୋଇଥିଲା। ଏହି ଟେଣ୍ଡର ପ୍ରକ୍ରିୟାରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ରଘୁନାଥପୁର ତହସିଲଦାର ରାଜଲକ୍ଷ୍ମୀ ନାୟକ, ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା ଓ ତିର୍ତ୍ତୋଲ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏହାଛଡ଼ା ନିଲାମରେ ଅଂଶଗ୍ରହଣ କରିଥିବା ସମସ୍ତ ବ୍ୟକ୍ତି ଉପସ୍ଥିତ ଥିଲେ।

# ପୁରୀ କ୍ରୁଜ୍ ଟର୍ମିନାଲ ପାଇଁ ଜାଗା ସମୀକ୍ଷା

ପାରାଦୀପ, ୪।୪(ଶରତ ରାଉତ)

ପୁରୀଠାରେ ପ୍ରସ୍ତାବିତ ବିଶ୍ୱସ୍ତରୀୟ କ୍ରୁଜ୍ ଟର୍ମିନାଲ ପାଇଁ ଶନିବାର ଜାଗା ସ୍ଥିରୀକୃତ କରାଯାଇଛି। ପୁରୀ ବିମାନବନ୍ଦର ପାଖ ସିପସରୁବାଲି ମୌଜାରେ ଜାଗା ସ୍ଥିରୀକୃତ ହୋଇଛି। ଏହାକୁ ଶନିବାର ପାରାଦୀପ ବନ୍ଦର ମୁଖ୍ୟଯନ୍ତ୍ରୀ ହିମାଂଶୁ ଶେଖର ରାଉତ ପହଞ୍ଚି ଭିତ୍ତିଭୂମି ଯାଞ୍ଚ କରିଥିଲେ।

ସୂଚନାଯୋଗ୍ୟ, ପାରାଦୀପ ବନ୍ଦର ଓ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ପୁରୀଠାରେ କ୍ରୁଜ୍ ଟର୍ମିନାଲ କରାଯିବା ପାଇଁ କେନ୍ଦ୍ର ସରକାର ସ୍ୱୀକୃତି ଦେଇସାରିଛନ୍ତି। ସାମୁଦ୍ରିକ ପର୍ଯ୍ୟଟନ ବିକାଶ ପାଇଁ ଏହା କରାଯିବ। ସିପସରୁବାଲି ପାଖରେ ବିମାନବନ୍ଦର ସହିତ ବାଇପାସ୍ ରୋଡ ଅଛି। ଏହା ପର୍ଯ୍ୟଟକଙ୍କ ପାଇଁ ଯାତାୟାତ ସୁଗମ ହେବ ବୋଲି କୁହାଯାଇଛି।



ପୁରୀଠାରେ ପ୍ରଶାସନିକ ଅଧିକାରୀ ଜାଗାର ସମୀକ୍ଷା କରୁଛନ୍ତି।

# ବିଦ୍ୟାଳୟରେ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ

ନାଉଗାଁ, ୪।୪(ସୁଧା ବେହୁରା)

ନାଉଗାଁ ବ୍ଲକରେ ଶନିବାର ବ୍ଲକସ୍ତରୀୟ ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ରୋହିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଦିଲୀପ କୁମାର ବଡପଣ୍ଡା, ସମ୍ମାନିତ ଅତିଥି ଭାବେ ଆଲୁମ୍ନି ସଭାପତି ଅର୍ଜୁନ ଚରଣ ରାଉତ, ପୂର୍ବତନ ଶିକ୍ଷକ ରାଜକିଶୋର ମହାନ୍ତି, ରୋହିଆ ପଞ୍ଚାୟତର ସାମାଜିକ କର୍ମୀ ପଦ୍ମଚରଣ ରାଉତ, ସମିତି ସଭ୍ୟ, ଶିକ୍ଷାବିତ ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା ଶିକ୍ଷା ସଚେତନତା ରଥ ଉଦ୍‌ଘାଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୦ ଛାତ୍ରୀଛାତ୍ରଙ୍କୁ ଖଡ଼ିଛୁଆଁ କରିବା ସହିତ ସରକାରଙ୍କ ପ୍ରଦତ୍ତ ବ୍ୟାଗ ପ୍ରଦାନ କରାଯାଇଥିଲା। ପିଲାମାନଙ୍କୁ ବିଦ୍ୟାଳୟ ଅଭିମୁଖୀ କରିବା ଉକ୍ତ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଶିକ୍ଷା ରଥ ବିଭିନ୍ନ ବିଦ୍ୟାଳୟ ପରିକ୍ରମା କରି ପିଲା ଓ ଅଭିଭାବକଙ୍କୁ ସଚେତନତା କରିବ। ସମସ୍ତ ୫ରୁ ୬ ବର୍ଷର ପିଲାମାନଙ୍କୁ ଏହି ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ସାମିଲ କରାଯିବ। ଏଥିରେ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଅକ୍ଷୟ କୁମାର ରାଉତ ଓ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଜୟ



@ ପ୍ରିୟଙ୍କା



@ ହୋଲିଆ



@ ବାପୁ



@ ଓମ୍‌ପ୍ରସାଦ



@ ଶିବପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସମାଜରେ ଅର୍ଥ ନୁହେଁ 'କଲ୍ଲୋଳ'ର ଆବଶ୍ୟକତା ଅଛି

ଜଗତ୍‌ସିଂହପୁର, ୪।୪ (ପ୍ରମୋଦ କୁମାର ନାୟକ)

**ଜିଲ୍ଲା ମହୋତ୍ସବର ୪ର୍ଥ ସନ୍ଧ୍ୟା**

ବର୍ତ୍ତମାନ ସମାଜରେ ଲୋକମାନଙ୍କ ପାଇଁ ଅର୍ଥର ଆବଶ୍ୟକତା ଅଛି ସତ। କିନ୍ତୁ ତା'ଠାରୁ ଅଧିକ କଲ୍ଲୋଳର ଆବଶ୍ୟକତା ରହିଛି। ଶନିବାର ଜିଲ୍ଲା ମହୋତ୍ସବ କଲ୍ଲୋଳର ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପାରାଦୀପସ୍ଥିତ ଇଫ୍‌କୋ ମୁଖ୍ୟ କାରଖାନା ଅଧିକାରୀ ପ୍ରଦୀପ କୁମାର ମହାପାତ୍ର ଏହା କହିଛନ୍ତି। ପାରାଦୀପ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ପାରାଦୀପ ପୌରାଧକ୍ଷ ବସନ୍ତ କୁମାର ବିଶ୍ୱାଳ ଯୋଗଦେଇ ପାରାଦୀପ ବନ୍ଦର ବିଶ୍ୱରେ ସୁନାମ ଆଣିପାରିଛି। ଏଥିସହ ପାରାଦୀପରେ ଥିବା ଶିଳ୍ପଗୁଡିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ତେଣୁ ଜିଲାର ପ୍ରଗତି ପାଇଁ ପ୍ରତ୍ୟେକ ଏକାଠି ହୋଇ କାମ କରିବା ଉଚିତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲେ, ରାଜନଗର ବନ୍ୟପ୍ରାଣୀ ବନଖଣ୍ଡ (ଲୁଣା ଜଙ୍ଗଲ) ଅଧିକାରୀ ଭରଦରାଜ ଗାଓଁକର, ଜଗତ୍‌ସିଂହପୁର ଏସ୍‌ଡିପିଓ ଅଜିଙ୍କ୍ୟ ମାଣେ ଓ ଉପ ଜିଲାପାଳ ପ୍ରଶାନ୍ତ କୁମାର ତରାଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲାର ଗୌରବମୟ ଇତିହାସ ସମ୍ପର୍କରେ ଅବତାରଣା କରିଥିଲେ। ଏଥିସହ ଜିଲା ମହୋତ୍ସବ ଏସ୍‌ଏଚଜିର ମହିଳାମାନଙ୍କୁ ରୋଜଗାରର ସୁଯୋଗ ଦେଇଥିବା କହିଥିଲେ। ସଭାରେ ବିରିଡି ବିଡିଓ ଆୟୁଷି ପତି ସାଗତ ଭାଷଣ, ଅତିଥି ପରିଚୟ ଓ ଡେପୁଟି କଲେକ୍ଟର (ରାଜସ୍ୱ) ଅନିଶା ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଜିଲା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ନୀଳଚକ୍ର, କୋଣାର୍କ ଚକ୍ର ଓ ପ୍ରଭୁ ଜଗନ୍ନାଥଙ୍କ ସହିତ ଉତ୍କଳର ବରପୁତ୍ର ତଥା ଆମ ନୌବାଣିଜ୍ୟ ପରମ୍ପରାର ପ୍ରତୀକକୁ ନେଇ ସୁନ୍ଦର ପୁଷ୍ପ ପ୍ରଦର୍ଶନୀ କରାଯାଇଥିଲା। ପରେ ମଣ୍ଟୁ ଛୁରିଆ ଓ ସାଥୀ, କମେଡିଆନ ପପୁ ପମପମଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ମହୋତ୍ସବରେ ଓରମାସ ପକ୍ଷରୁ ଆୟୋଜିତ ପଲ୍ଲିଶ୍ରୀ ମେଳାରେ ଜିଲାର ମହିଳା ଏସ୍‌ଏଚଜିଗୁଡିକ ଦ୍ୱାରା ଆଗତ ଷ୍ଟଲରେ ବିଭିନ୍ନ ହସ୍ତକଳା, ଘର କରଣା ଜିନିଷ ବିକ୍ରି ହେଉଛି। ପଲ୍ଲିଶ୍ରୀ ମେଳାରେ ୮୮ ଟି ଷ୍ଟଲ ମଧ୍ୟରେ ୧୦ଟି ଖାଦ୍ୟ ଷ୍ଟଲ ସହିତ ବାହାର ରାଜ୍ୟ ପଶ୍ଚିମବଙ୍ଗରୁ ହସ୍ତତନ୍ତ, ରାଜସ୍ଥାନର ଖାଦ୍ୟ ଷ୍ଟଲ, ତେଲେଙ୍ଗାନାର କାଠ ତିଆରି ସାମଗ୍ରୀ ଓ ହସ୍ତତନ୍ତର ଷ୍ଟଲ ରହିଛି। ମେଳାର ତୃତୀୟ ଦିନ ସୁଦ୍ଧା ୪୧,୫୮,୬୬୮ ଟଙ୍କାର ବ୍ୟବସାୟ ହୋଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଜିଲା ମହୋତ୍ସବର କଲ୍ଲୋଳର ୪ର୍ଥ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

# ସାମୁଦ୍ରିକ ମାର୍ଗରେ ଏବେ ଭାରତର ଅର୍ଥନୀତି

**ଆଜି ଜାତୀୟ ନୌବାଣିଜ୍ୟ ଦିବସ**



ପାରାଦୀପ ବନ୍ଦରର ବର୍ଥରେ ଲାଗିଥିବା ଏକ ଜାହାଜ।

ପାରାଦୀପ, ୪।୪(ଶରତ ରାଉତ)

ଭାରତର ୯୦ ପ୍ରତିଶତ ବାଣିଜ୍ୟ ଓ ୭୭ ପ୍ରତିଶତ ଅର୍ଥନୀତି କାରବାର ଏବେ ସାମୁଦ୍ରିକ ମାର୍ଗରେ ହେଉଛି, ଯାହାକୁ ସାଧାରଣତଃ ନୌବାଣିଜ୍ୟ ବୋଲି କୁହାଯାଉଛି। ସେହି ନୌବାଣିଜ୍ୟ ପରମ୍ପରା ଆମ ଓଡ଼ିଶାରେ ପ୍ରାଚୀନ କାଳରୁ ଚାଲିଥିଲା, ସେତେବେଳେ ଯାହାର ମୁଖ୍ୟ ଥିଲେ ସାଧବପୁଅ। ଏବେ ନୂଆ ବ୍ୟବସ୍ଥାରେ ନୌବାଣିଜ୍ୟ ଚାଲିଛି। ସେହି ସାମୁଦ୍ରିକ ପଣ୍ୟ କାରବାର ପରମ୍ପରାକୁ ନେଇ ରବିବାର ସମଗ୍ର ଦେଶରେ ଜାତୀୟ ନୌବାଣିଜ୍ୟ ଦିବସ ପାଳନ ହେବ। ଏହିକ୍ରମରେ ବନ୍ଦର ସହର ପାରାଦୀପରେ ମଧ୍ୟ ୬୩ ତମ ଜାତୀୟ ନୌବାଣିଜ୍ୟ ଦିବସକୁ ପାରାଦୀପ ବନ୍ଦର ସମେତ ଅନ୍ୟ ଜାହାଜ କାରବାର ସହିତ ଜଡ଼ିତ କମ୍ପାନୀ ମଧ୍ୟ ପାଳନ କରିବେ।

ଦେଶ ସ୍ୱାଧୀନତା ପୂର୍ବରୁ ୧୯୧୯ ଏପ୍ରିଲ ୫ରେ ଭାରତର ପ୍ରଥମ ପଣ୍ୟବାହୀ ଜାହାଜ ଏମ୍‌ଭି ଏସ.ଏସ. ଲୟାଲିଟି ବମ୍ବେଠାରୁ ଯାତ୍ରା ଆରମ୍ଭ କରି ସଫଳତାର ସହ ଲଣ୍ଡନରେ ପହଞ୍ଚି ପାରିଥିଲା। ସେତେବେଳେ ସିନ୍ଧିଆ ନାଭିଗେସନ୍ କମ୍ପାନୀ ପକ୍ଷରୁ ଏହା କରାଯାଇଥିଲା। ଉକ୍ତ ସ୍ମୃତିକୁ ନେଇ ଭାରତରେ ଏପ୍ରିଲ ୫କୁ ଜାତୀୟ ନୌବାଣିଜ୍ୟ ଦିବସ ଭାବେ ପାଳନ କରାଯାଉଛି। ଏହି ଦିବସ ସମ୍ପର୍କରେ ଅବସରପ୍ରାପ୍ତ କ୍ୟାପଟେନ୍ ପ୍ରେମାନନ୍ଦ ରାଉତ କହିଛନ୍ତି, ବାସ୍ତବରେ ଆମ ଓଡ଼ିଆ ସାଧବପୁଅଙ୍କ କଥା ଭାବିଲେ ଆମର ଗର୍ବ ଅନୁଭବ ହୋଇଥାଏ। କାରଣ ବର୍ତ୍ତମାନ ବୈଷୟିକ ଜ୍ଞାନ ବଳରେ ପ୍ରତ୍ୟେକ ଜାହାଜରେ ଜିପିଏସ୍ (ଗ୍ଲୋବାଲ ପୋଜିସନିଂ ସିଷ୍ଟମ)ଠାରୁ ଆରମ୍ଭ କରି ଅନେକ ବ୍ୟବସ୍ଥା ବିକଶିତ ହୋଇଛି; ଯାହା ପ୍ରତ୍ୟେକ କ୍ୟାପଟେନ୍‌ମାନଙ୍କୁ ସମୁଦ୍ର ପଥରେ ଯାତାୟାତ ସମୟରେ ଅନେକ ଉପାଦେୟ ହେଉଛି। ଯେତେବେଳେ କୌଣସି ଜିପିଏସ୍ ନ ଥିଲା ସେତେବେଳେ ଓଡ଼ିଆ ପୁଅ ବୋଇତ ଧରି ସମୁଦ୍ରରେ ଯାଇ ବିଦେଶରେ ପହଞ୍ଚି ପାରୁଥିଲେ। ବୋଇତରେ ପାରମ୍ପରିକ ଦ୍ରବ୍ୟ ସହିତ ହାତୀ ମଧ୍ୟ ବିଦେଶକୁ ଯାଇ ପାରୁଥିଲା। ଏଥିରୁ ସ୍ପଷ୍ଟ ସାଧବପୁଅ କେତେ ପାରଙ୍ଗମ। ଏବେ ବିଶ୍ୱର ଅର୍ଥନୀତି ସାମୁଦ୍ରିକ ପଥରେ ହେଉଛି। ସେଥିପାଇଁ ସରକାର ଅନେକ ବନ୍ଦର ବିକାଶ କାର୍ଯ୍ୟ କରୁଛନ୍ତି। ସମ୍ପ୍ରତି ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସଙ୍କଟ ଯୋଗୁ ଜାହାଜ ଚଳାଚଳ କ୍ଷେତ୍ରରେ ବାଧା ସୃଷ୍ଟି ହୋଇଛି, ଯାହାର ପ୍ରଭାବ ଅନେକ ଦେଶର ଅର୍ଥନୀତି ଉପରେ ପଡ଼ିଲାଣି।

# ବେଆଇନ ବାଣ ପ୍ରସ୍ତୁତ କଲେ ଲାଗିବ ଲଗାମ

## ଅଘଟଣ ଘଟିଲା ପରେ ପୋଲିସର ଚେତା ପଶିଲା

■ଲାଇସେନ୍ସ ନ ଥାଇ ବାଣତିଆରି କଲେ କାର୍ଯ୍ୟାନୁଷ୍ଠାନ

■ବାରମ୍ବାର ହେବ ଧରପଗଡ଼: ଅତିରିକ୍ତ ଏସ୍‌ପି

ନୟାଗଡ଼,୪।୪(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ନୂଆଗାଁ ଥାନା କୋରଡ଼ା ଗାଁର ହାଡ଼ିବନ୍ଧୁ ସେଠୀଙ୍କ ବାରିପଟ କଦଳୀ ବଗିଚା ଭିତରେ ବାଣ ଭିଡ଼ା ଯାଉଥିବାବେଳେ ୩ ତାରିଖ ମଧ୍ୟାହ୍ନରେ ବିସ୍ଫୋରଣ ଘଟି ଜଣେ ନାବାଳକଙ୍କ ସମେତ ୬ ଜଣ ଗୁରୁତର ହେବା ଘଟଣା ପୋଲିସର ମୁଣ୍ଡବ୍ୟଥାର କାରଣ ପାଲଟିଥିଲା। ନୂଆଗାଁ ଥାନାଠାରୁ କୋରଡ଼ା ଗାଁର ଦୂରତା ମାତ୍ର ୪ କି.ମି. ଥିବାବେଳେ ପୋଲିସ କିଭଳି ବାଣ ତିଆରି ନେଇ ଜାଣି ପାରୁ ନ ଥିଲା, ସେନେଇ ସମାଲୋଚନା ହେବା ପରେ ପୋଲିସ ହଡ଼ବଡ଼େଇ ବେଆଇନ ବାଣ ପ୍ରସ୍ତୁତକାରୀଙ୍କ ଉପରେ ଲଗାମ ଲଗାଇବାକୁ ଉଦ୍ୟମ ଆରମ୍ଭ କରିଛି। ତରବରିଆ ଭାବେ ଇଟାମାଟି ଥାନା ପୋଲିସ ଇଟାମାଟିର ତନ୍ତୀସାହି ଉପରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରି ଦେଢ଼ ଲକ୍ଷ ଟଙ୍କାର ବାଣ ଓ ନୟାଗଡ଼ ସଦର ଥାନା ପୋଲିସ ପଲ୍ଲୀଶାସନ ଉପରେ ଚଢ଼ାଉ କରି ଅଢ଼େଇ ଲକ୍ଷ ଟଙ୍କାର ବାଣ ଏପରି ମୋଟରେ ୪ ଲକ୍ଷ ଟଙ୍କାର ବାଣ ଜବତ ଓ ୫ ଜଣଙ୍କୁ ଗିରଫ ଗତ ୩ ତାରିଖରେ ବାହାବା ନେଇଛି। ତେବେ ଲାଇସେନ୍ସ ନ ଥାଇ ବାଣ ପ୍ରସ୍ତୁତ କଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୋଲିସ ପକ୍ଷରୁ ଚେତାବନୀ ଦିଆଯାଇଛି। ପୁଣି ବେଆଇନ ବାଣ ପ୍ରସ୍ତୁତକାରୀଙ୍କୁ ଧରିବା ପାଇଁ ଧରପଗଡ଼ ବାରମ୍ବାର ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ନୟାଗଡ଼ ଜିଲାରେ ବାରମ୍ବାର ବାଣ ବିସ୍ଫୋରଣ ହେବା ପରେ ଧନଜୀବନ ନଷ୍ଟ ଓ ପରିବେଶ ବିଗାଡୁଥିବା ବାଣକୁ ବ୍ୟାନ କରିବାକୁ ଦାବି ଉଠିଲାଣି। ଅତିରିକ୍ତ ଏସ୍‌ପି ଜ୍ୟୋତି ରଞ୍ଜନ ସାମନ୍ତରା କୁହନ୍ତି, ବେଆଇନ ବାଣ ପ୍ରସ୍ତୁତକାରୀଙ୍କ ଉପରେ ବାରମ୍ବାର ଚଢ଼ାଉ ଓ ଧରପଗଡ଼ କରାଯିବ। ଏପରିକି ଗିରଫ କରି କୋର୍ଟ ଚାଲାଣ କରାଯିବ। ସମସ୍ତ ବାଣ ପ୍ରସ୍ତୁତକାରୀଙ୍କୁ ସଚେତନ କରାଯାଇଛି। ବେଆଇନ ଭାବେ ବାଣ ପ୍ରସ୍ତୁତ କରନ୍ତୁ ନାହିଁ। ଜିଲାରେ ବାଣ ପ୍ରସ୍ତୁତ କରିବା ପାଇଁ ଲାଇସେନ୍ସ କେହି ପାଇନାହାନ୍ତି। ଯେଉଁମାନେ ପ୍ରସ୍ତୁତ କରିବାକୁ ଚାହୁଁଛନ୍ତି, ଅଗ୍ନିଶମ ସଂସ୍ଥାରେ ଆବେଦନ କରି ଲାଇସେନ୍ସ ଆଣି ପ୍ରସ୍ତୁତ କରନ୍ତୁ ବୋଲି କହିଥିଲେ। ଅନ୍ୟପକ୍ଷେ ଜିଲା ବାହାରୁ ବାଣ ଆସିଲେ ତାକୁ ବି ଯାଞ୍ଚ କରାଯିବ ବୋଲି କହିଥିଲେ। ବାଣ ଲାଇସେନ୍ସ ଦେବା ଅଗ୍ନିଶମ ବିଭାଗ ଓ ଜିଲା ପ୍ରଶାସନର କାମ। ପୋଲିସ କେବଳ ଚଢ଼ାଉ, ଧରପଗଡ଼ କରି କାର୍ଯ୍ୟାନୁଷ୍ଠାନ ନେବ ବୋଲି କହିଛନ୍ତି। ନୟାଗଡ଼ ଫାୟାର ଅଫିସର ପ୍ରସନଜିତ ବେହେରା କୁହନ୍ତି, ଜିଲାରେ କାହାରିକୁ ବାଣ ପ୍ରସ୍ତୁତ କରିବାକୁ ଲାଇସେନ୍ସ ଦିଆଯାଇ ନାହିଁ। ବାଣ ଲାଇସେନ୍ସ ଡେପୁଟି ଫାୟାର ଅଫିସର ପୁରୀ ଦେଇପାରିବେ ବୋଲି କହିଥିଲେ। ଅରପକ୍ଷେ ବାଣ ଉପରେ ବ୍ୟାନ ଲଗାଇବାକୁ ପରିବେଶବିତ୍ ଶ୍ରୀଧର ପ୍ରଧାନ କୁହନ୍ତି, ନୟାଗଡ଼ ଜିଲାରେ ୧୩ ବର୍ଷରେ ୧୪ ଜଣଙ୍କର ଜୀବନ ଯାଇସାରିଲାଣି । ପୁଣି ଅନେକ ଆହତ ହୋଇଛନ୍ତି । ସେହିପରି ବାଣ ଫୁଟାଇଲେ ପରିବେଶ ନଷ୍ଟ ହେଉଛି। ଏଣୁ ପରିବେଶ ନଷ୍ଟ ବନ୍ଦ କରିବା ଓ ଧନଜୀବନକୁ ସୁରକ୍ଷିତ ରଖିବା ପାଇଁ ବାଣ ପ୍ରସ୍ତୁତ ଉପରେ ଲଗାମ ଲଗାଇ ପୂରା ବ୍ୟାନ କରାଯିବା ଦରକାର ବୋଲି କହିଛନ୍ତି । ପରିବେଶବିତ୍ ବିଭୁ ପ୍ରସାଦ ଦାଶ କୁହନ୍ତି, ବାଣ ଫୁଟାଇ ଅନେକ ଜୀବନ ଯାଉଛି। ପୁଣି ପ୍ରସ୍ତୁତ ସମୟରେ ମଧ୍ୟ ଧନ ଜୀବନ ନଷ୍ଟ ହେଉଛି। ସାମୟିକ ଖୁସି ନାଁରେ ଲକ୍ଷାଧିକ ଟଙ୍କା ପାଣିରେ ପକାଇବା ବିରୋଧରେ ପ୍ରତିବାଦ ଉଠିବା ଦରକାର। ବାଣ ବ୍ୟାନ ହେଲେ କାହାରି କ୍ଷତି ହେବନି ବରଂ ସମସ୍ତେ ଲାଭରେ ରହିବା ସହ ପରିବେଶ ସୁରକ୍ଷିତ ରହିବ ବୋଲି କହିଛନ୍ତି।



ନୟାଗଡ଼ ପୁରୁଣା ସହର ଗୁଣ୍ଡିଚା ମଣ୍ଡପ ପରିସରସ୍ଥ ରଘୁନାଥ ଜୀଉ ମନ୍ଦିରରେ ରଘୁନାଥଙ୍କ ଅଷ୍ଟାବଧାନ ବେଶ । (ଫଟୋ- ଲୋକନାଥ ମିଶ୍ର)।

# ନୂଆଗାଁରେ ପାନୀୟ ଜଳଯୋଗାଣ ବନ୍ଦ, ଲୋକେ ହନ୍ତସନ୍ତ

ନୂଆଗାଁ,୪।୪(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ସ୍ଥାନରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଗାଁ ଗାଁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଥିବା ବେଳେ କିଛି ଦିନ ହେଲା ପାଇପ୍ ଜଳ ଯୋଗାଣ ବନ୍ଦ ରହିଛି। ଯାହା ଫଳରେ ନୂଆଗାଁବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ପଞ୍ଚାୟତସ୍ତରରେ ପାଣି ପମ୍ପ ଚଲାଇବା ପାଇଁ ନିୟୋଜିତ ଥିବା ପମ୍ପ ଡ୍ରାଇଭରମାନେ ସ୍ଥାୟୀ ନିଯୁକ୍ତି, ଦରମା ବୃଦ୍ଧି, ପଞ୍ଚାୟତରୁ ଦରମା ନ ଦେଇ ଅନ୍ୟ କର୍ମଚାରୀମାନଙ୍କ ଭଳି ବ୍ଲକ କାର୍ଯ୍ୟାଳୟରୁ ଦରମା ଦେବା ଆଦି ୬ ଦଫା ଦାବି ନେଇ ବିଧାନସଭା ଆଗରେ ଧାରଣାରେ ବସିଛନ୍ତି। ଫଳରେ ପମ୍ପ ହାଉସ ଅଚଳ ହୋଇପଡିଛି। ଭୀଷଣ ଖରାରେ କୂଅ ସବୁ ଶୁଖିଲା ପଡିଛି। ନଳକୂଅର ଅଭାବ ସାଙ୍ଗକୁ ଦୂଷିତ ପାଣି ବାହାରିବା ଭଳି ସମସ୍ୟା ଲୋକମାନେ ଭୋଗୁଥିବା ବେଳେ ପମ୍ପ ଡ୍ରାଇଭରମାନଙ୍କ ଆନ୍ଦୋଳନ ଲୋକମାନଙ୍କ ସମସ୍ୟାକୁ ବଢ଼ାଇ ଦେଇଛି । ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହା ବନ୍ଦ ରହିଛି । ନୂଆଗାଁ ବ୍ଲକ କାର୍ଯ୍ୟାଳୟଠାରୁ ଗଦାଧରପୁର ପର୍ଯ୍ୟନ୍ତ କୂଅର ଅଭାବ ରହିଛି । ପାନୀୟ ଜଳ ଯୋଗାଣ ଉପରେ ସମସ୍ତେ ନିର୍ଭର କରୁଛନ୍ତି। କିନ୍ତୁ ଏଭଳି ସ୍ଥଳେ ପାଣି ଯୋଗାଣ କିଛିଦିନ ହେଲା ବନ୍ଦ ରହିଥିବାରୁ ଲୋକମାନେ ପାନୀୟ ଜଳ ଟୋପେ ପାଇପାରୁ ନାହାନ୍ତି। ତେଣୁ ଗ୍ରୀଷ୍ମ ସମୟରେ ଲୋକମାନଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହେଉଛି । ପାଣି ଯୋଗାଣ ବାବଦରେ ପମ୍ପ ଡ୍ରାଇଭର ପବିତ୍ର କୁମାର ସାହୁଙ୍କୁ ପଚାରିବାରେ ଆମର ଦାବି ନେଇ ଆମେ ଆନ୍ଦୋଳନକୁ ଓହ୍ଲାଇଛୁ। ତେଣୁ ଆମର ଦାବି ପୂରଣ ନ ହେବାଯାଏ ଆମେ ପାଣିପମ୍ପ ଚଲାଇବୁ ନାହିଁ ବୋଲି ମନା କରିଥିବା ବେଳେ ଲୋକଙ୍କୁ କିଭଳି ପାନୀୟ ଜଳ ଯୋଗାଇ ଦିଆଯାଇ ପାରିବ ସେ ନେଇ ଆଲୋଚନା କରିବି ବୋଲି ନୂଆଗାଁ ବିଡିଓ ଅମୃତ କୁମାର ରାଉଳ କହଛନ୍ତି ।

# ରୋହିବାଙ୍କ ପଞ୍ଚୁଦଣ୍ଡ ମିଳନ

ଓଡ଼ଗାଁ,୪।୪(ନାରାୟଣ ପାଣିଗ୍ରାହୀ)

ନୟାଗଡ଼ ଜିଲା ଓଡଗାଁ ବ୍ଲକ ଅନ୍ତର୍ଗତ ରୋହିବାଙ୍କ ଗ୍ରାମରେ ସ୍ଥାନୀୟ ଗ୍ରାମର ରାଧାଗୋବିନ୍ଦ ନାୟକ ଓ ରୋହିବାଙ୍କ ଗ୍ରାମବାସୀଙ୍କ ସହଯୋଗରେ ପଞ୍ଚୁଦଣ୍ଡ ମହାମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚୁଦଣ୍ଡ ମଧ୍ୟରୁ ସ୍ଥାନୀୟ ଗ୍ରାମର ବାବା ଚଣ୍ଡେଶ୍ୱର ମହାଦେବ, ପାନ୍ତିଖାରୀଶାସନ ଗ୍ରାମର ନୀଳକଣ୍ଠେଶର ମହାଦେବ, ଗଞ୍ଜାମ ଜିଲା ଭାବସରର ମା' ଦଣ୍ଡକାଳୀ, ଖଙ୍ଗାରପଲ୍ଲୀର ବାବା ଗୁପ୍ତେଶ୍ୱର ଓ ଚେମେଡି ଗ୍ରାମର ବାବା ସ୍ୱପ୍ନେଶର ଆଦି ପଞ୍ଚୁଦଣ୍ଡ ଠାକୁରଙ୍କୁ ସକାଳ ୭ଟାରେ ଫୁଲଚନ୍ଦନ ଦେଇ ବରଣ କରିଥିଲେ କର୍ତ୍ତା ନାୟକ। ଏହାପରେ ଗ୍ରାମବାସୀଙ୍କ ସହଯୋଗରେ ଗ୍ରାମ ପରିକ୍ରମା ସାଙ୍ଗକୁ ବିଭିନ୍ନ ସ୍ଥାନରେ ଧୂଳିଦଣ୍ଡ ଅନୁଷ୍ଠିତ ହୋଇଥିଲା। ରୋହିବାଙ୍କ ଗ୍ରାମ ସଭାପତି ରାଜେଶ କୁମାର ସୁବୁଦ୍ଧି ଓ ସମ୍ପାଦକ କାହ୍ନୁଚରଣ ଗୌଡ଼ଙ୍କ ଦ୍ୱାରା ଗଠିତ ଗ୍ରାମର ସ୍ୱେଚ୍ଛାସେବୀମାନେ ଶାନ୍ତିଶୃଙ୍ଖଳା ରକ୍ଷାକରି ଗ୍ରାମବାସୀଙ୍କ ଦ୍ୱାରା ପ୍ରାୟ ୨୦ ହଜାରରୁ ଅଧିକ ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରିଥିବାବେଳେ ରୋହିବାଙ୍କ ଉଚ୍ଚ ବିଦ୍ୟାଳୟ ତରଫରୁ ସ୍କାଉଟ ଗାଇଡ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ଜଳଛତ୍ର ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନ ଓ ଯୁବ ଗୋଷ୍ଠୀଙ୍କ ଦ୍ୱାରା ପଣା ବଣ୍ଟନ ସାଙ୍ଗକୁ ତରଭୁଜ ପ୍ରଦାନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାରେ ସମାପନ ହୋଇଥିବାବେଳେ ପ୍ରତି ଦଣ୍ଡର ସଭାପତି ଓ ମ୍ୟାନେଜରଙ୍କୁ ଉତ୍ତରୀୟ ଦେଇ ଗ୍ରାମବାସୀ ଓ କର୍ତ୍ତାଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।



ପଞ୍ଚୁଦଣ୍ଡ ମହାମିଳନ କରାଯାଉଛି।

# ନାମ ଫଳକ ଅଭିଯାନ ସଚେତନତା ପଦଯାତ୍ରା



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସଚେତନା ପଦଯାତ୍ରା।

ନୟାଗଡ଼,୪।୪(ଲୋକନାଥ ମିଶ୍ର)

ନାମ ଫଳକ ଅଭିଯାନ ସଚେତନା ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ନୟାଗଡ ଜିଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଓଡିଆ ପକ୍ଷ ପାଳନ ଅବସରରେ ସମସ୍ତ ଦୋକାନ ବଜାର ଓ ବାଣିଜ୍ୟ ପ୍ରତିଷ୍ଠାନ ମାନଙ୍କର ନାମ ଫଳକ ଓଡ଼ିଆ ଭାଷାରେ ଲେଖିବାକୁ ଏକ ସଚେତନତା ପଦଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରାଯାଇଛି। ଏଥିସହ ଏକ ସଚେତନତା ରଥ ନୟାଗଡ଼ ଜିଲାର ବିଭିନ୍ନ ଏନ୍‌ଏସି ଅଞ୍ଚଳରେ ପରିଭ୍ରମଣ କରିଛି। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ରୋଜିନା ଦାସ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

# ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ଖଣ୍ଡପଡ଼ା, ୪।୪(ଅଜୟ କୁମାର ମହାରଣା):ନୟାଗଡ଼ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ନୂତନ କରି ଦାୟିତ୍ୱ ଗ୍ରହଣ କରିବା ପରେ ଖଣ୍ଡପଡ଼ା ବ୍ଲକ ଭାଜପା ଶାଖା ପକ୍ଷରୁ ସ୍ୱାଇଁଙ୍କୁ ଶନିବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ତୋଟା ହନୁମାନଙ୍କ ପୀଠରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଏମ୍‌ପି ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ପଠାଣି ସାମନ୍ତ ବରିଷ୍ଠ ନାଗରିକ ଫୋରମ ସଭାପତି ଅଖିଳ କୁମାର ମହାରଣା, କଣ୍ଟିଲୋ ଜୋନ୍ ଭାଜପା ମଣ୍ଡଳ ସଭାପତି ଟିଟନ ସାହୁ, ଭାଜପା ନେତ୍ରୀ ନିର୍ମଳା ବିଶ୍ୱାଳ, ଭାଜପାର ବହୁ ତୁଙ୍ଗ ନେତୃବୃନ୍ଦଙ୍କ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ଓ ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧିମାନେ ଯୋଗଦେଇଥିଲେ। ଏ ଅବସରରେ ଖଳିସାହି ପଞ୍ଚାୟତବାସୀଙ୍କ ତରଫରୁ ପୂର୍ବତନ ସମିତି ସଭ୍ୟ ତଥା ବରିଷ୍ଠ ଖବରଦାତା ରବୀନ୍ଦ୍ର ଚନ୍ଦ୍ର ବେହେରାଙ୍କ ସମେତ ବ୍ୟକ୍ତିବିଶେଷ, ବିଭିନ୍ନ ସଂଗଠନ କର୍ମକର୍ତ୍ତା ପ୍ରମୁଖ ବିଧାୟକଙ୍କୁ ସାକ୍ଷାତକରି ଶୁଭେଚ୍ଛା ଜଣାଇବା ସହ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

# ଲଙ୍କା ବିଜୟ ପାଇଁ ଅଷ୍ଟସେନାନୀଙ୍କ ସହ ରାମଚନ୍ଦ୍ରଙ୍କ ବିଚାରବିମର୍ଶ

## ଓଡ଼ଗାଁ ଶ୍ରୀରାମ ନବମୀ ଯାତ୍ରାର ୮ମ ସନ୍ଧ୍ୟା

ଓଡ଼ଗାଁ,୪।୪( ନାରାୟଣ ପାଣିଗ୍ରାହୀ)

ଓଡ଼ଗାଁ ଶ୍ରୀରାମ ନବମୀ ନବଦିନ ସନ୍ଧ୍ୟା ବେଶର ଅଷ୍ଟମ ସନ୍ଧ୍ୟାରେ ସୁବଳୟା ପର୍ବତ ଉପରେ ପ୍ରଭୁ ଶ୍ରୀରାମ ଅନୁଜ ଲକ୍ଷ୍ମଣ ଏବଂ ବିଭୀଷଣଙ୍କ ସହିତ ସୁଗ୍ରୀବ, ଅଙ୍ଗଦ, ହନୁମାନ, ଜାମ୍ବବାନ, ସୁଷେଣ, ନଳ, ନୀଳ, ଗବ ଓ ଗବାକ୍ଷ ଅଷ୍ଟ ସେନାନୀଙ୍କ ସହିତ ଲଙ୍କାଗଡ଼ ବିଜୟ ପାଇଁ ବିଚାରବିମର୍ଶ କରୁଥିବାର ଦୃଶ୍ୟ ଶନିବାର ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ ଭକ୍ତମାନେ। ରାମାୟଣ ପୁରାଣ ବର୍ଣ୍ଣିତ କଥାବସ୍ତୁ ଆଧାରରେ ମାୟାମୃଗର ଭ୍ରମ ସୃଷ୍ଟିକରି ଲଙ୍କପତି ମାୟାବୀ ରାବଣ ଛଦ୍ମବେଶରେ ଆସି ଛଳନାରେ ସୀତାଙ୍କୁ ଚୋରାଇ ନେଲା। ଏହା ଦାନବରାଜ ରାବଣର ଜୀବନରେ ଆଉ ଗୋଟାଏ ପାପ ଯୋଡ଼ିହୋଇଗଲା। ରାମ, ଲକ୍ଷ୍ମଣଙ୍କ ସହ ଜଟାୟୁଙ୍କ ଭେଟ ପରେ ତାଙ୍କଠାରୁ ସମସ୍ତ ଘଟଣା ଶୁଣି ପ୍ରାଣପ୍ରିୟା ସ୍ତ୍ରୀ ସୀତାଙ୍କ ମୁକ୍ତିପାଇଁ ଉଦ୍ୟମ କରୁଥିବା ବେଳେ ଭକ୍ତ ହନୁମାନଙ୍କ ସହ ସାକ୍ଷାତ ଓ ସୁଗ୍ରୀବଙ୍କ ସହ ମିତ୍ରତା ପରେ ମହାବଳୀ ବାଳୀକୁ ବଧକରି ସୁଗ୍ରୀବଙ୍କୁ କିଷ୍କିନ୍ଧ୍ୟାର



ଲଙ୍କା ବିଜୟ ପାଇଁ ବିଚାରବିମର୍ଶ କରାଯାଉଥିବାର ଦୃଶ୍ୟ।

ରାଜା ଭାବେ ରାଜ୍ୟାଭିଷେକ କରିଥିଲେ । ସାତ ସମୁଦ୍ର ପାରହୋଇ ହନୁମାନ ରାବଣର ଲଙ୍କାଗଡ଼ରେ ଥିବା ଅଶୋକ ବାଟିକାରେ ସୀତାଙ୍କୁ ଠାବକରି ଫେରି ଆସିଲେ। ସନ୍ଧ୍ୟାବେଶ ଦୃଶ୍ୟ ଅନୁସାରେ ରାବଣକୁ ନିଧନକରି ସୀତାଙ୍କ ଉଦ୍ଧାର ପାଇଁ ଅଷ୍ଟ ସେନାନୀଙ୍କ ସହିତ ସୁବଳୟା ପର୍ବତରେ ଆଲୋଚନା କରୁଥିବା ବେଳେ ଗୁପ୍ତଚର ଦ୍ୱାରା ଖବର ପାଇ ରାବଣ ପୁଷ୍ପକ ବିମାନରେ ଆସି ଆକାଶ ମାର୍ଗରୁ ରାମଚନ୍ଦ୍ରଙ୍କ ସେନାର କଳନା କରୁଥିଲା। ଏ ସମ୍ପର୍କରେ ବିଭୀଷଣଠାରୁ ସୂଚନା ପାଇ ରାମଚନ୍ଦ୍ର ଆକାଶକୁ ଚାହିଁବା ବେଳେ ରାବଣ ଗଦା ପ୍ରହାର କରିଥିଲା। ଗଦା ତଳେ ପଡିବା ପୂର୍ବରୁ ହନୁମାନ ତାକୁ ଧରି ନେଇଥିଲେ। କ୍ଷଣେ ମାତ୍ର ବିଳମ୍ବ ନ କରି ପ୍ରଭୁ ରାମଚନ୍ଦ୍ର ତୀର ମାରି ରାବଣର ଧନୁ, ମୁକୁଟ, ଅଳଙ୍କାର ବେଶଭୂଷା ନଷ୍ଟକରି ଦେଇଥିଲେ। ଫଳରେ ଲାଜ ଓ ଭୟରେ ରାବଣ ସେଠାରୁ ଚାଲିଯାଇଥିଲା। ଉକ୍ତ ଘଟଣା ପରେ ରାମ ସାମାନ୍ୟ ମନୁଷ୍ୟ ନୁହନ୍ତି ବୋଲି ପ୍ରଥମ ଥର ପାଇଁ ରାବଣ ମନରେ ଆଶଙ୍କା ସୃଷ୍ଟି ହେଲା। ନାରୀକୁ ଅପହରଣ କରିବାର ଶାସ୍ତି ଭୋଗିବ ରାବଣ, ନାହିଁ ଆଉ ତା'ର ପରିତ୍ରାଣ। ରବିବାର ଯୁଦ୍ଧ ଯାତ୍ରା ସନ୍ଧ୍ୟା ବେଶରେ ପ୍ରଭୁ ଦର୍ଶନ ଦେବେ। ମହୋତ୍ସବ ପଡ଼ିଆରେ ବିଶାଳ ରାବଣପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପ୍ରଶାସନ ତରଫରୁ ଆୟୋଜନ କରାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଜୟ



@ ପ୍ରିୟଙ୍କା



@ ହୋଲିଆ



@ ବାପୁ



@ ଓମ୍‌ପ୍ରସାଦ



@ ଶିବପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କାଳବୈଶାଖୀରେ ଉପୁଡିଲା ବିଦ୍ୟୁତ୍ ଖୁଣ୍ଟ, ଭାଙ୍ଗିଲା ଛାତ ଘର

■ରାସ୍ତାରେ ପଡିଥିବା ଗଛ, ଡାଳ ସଫା କଲେ ଗାଁ ଲୋକ

■ପାଣିଭଣ୍ଡାର, ଗୋଲଗାଁ ୨ ଦିନ ହେଲା ଅନ୍ଧାର

ନୟାଗଡ଼,୪।୪(ଲୋକନାଥ ମିଶ୍ର)



ନୟାଗଡ଼ ଜିଲା ଓଡଗାଁ ତହସିଲ ପାଣିଭଣ୍ଡାର ଗାଁରେ କାଳବୈଶାଖି ପ୍ରଭାବରେ ଗତ ଶୁକ୍ରବାର ଅପରାହ୍ନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡି ଛାତ ଘର ଭାଙ୍ଗି ଯାଇଛି। ଏପରିକି ରାସ୍ତାରେ ଗଛ ଓ ଡାଳ ପଡି ଅବରୋଧ ହୋଇଥିଲା। ଗାଁ ଲୋକ ରାସ୍ତାରୁ ଗଛ ଓ ଡାଳ ହଟାଇବା ପରେ ଶିଖରପୁର କଜଳାଇପଲ୍ଲୀ ରାସ୍ତାରେ ଯାନବାହନ ଚଳାଚଳ କରିଥିଲା। ଶୁକ୍ରବାର ଅପରାହ୍ନରେ କାଳ ବୈଶାଖିରେ ବର୍ଷା ଓ ପବନ ଜୋରରେ ହୋଇଥିଲା। ବର୍ଷା ଓ ପବନରେ ପାଣିପଣ୍ଡାର ଗାଁରେ ୬ଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଛି। ସେହିପରି ଏକ ଟ୍ରାନ୍ସଫର୍ମରର ଖୁଣ୍ଟ ଭାଙ୍ଗି ଯିବାରୁ ବିଦ୍ୟୁତ୍ ସରୋବରାହ ବନ୍ଦ ରହିଛି। ଶୁକ୍ରବାର ଅପରାହ୍ନରୁ ଶନିବାର ସନ୍ଧ୍ୟା ପର୍ଯ୍ୟନ୍ତ ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ନୂଆ ଖୁଣ୍ଟ ପୋତା ଯାଇନି କି ବିଦ୍ୟୁତ୍ ଆସିବା ପାଇଁ ବ୍ୟବସ୍ଥା କରିନି। ଏଣୁ ପାଣିଭଣ୍ଡାର ଓ ଗୋଲଗାଁ ଅନ୍ଧାରରେ ରହିଛି। ସେହିପରି ଗଛ ପଡିଯିବାରୁ ପାଣିଭଣ୍ଡାର ଗାଁର ଗୋବିନ୍ଦ ସାହୁଙ୍କ ଛାତ ଘର ଭାଙ୍ଗି ଯାଇଛି। ପୁଣି ଶଙ୍କର ବେହେରା, ବିଜି ବେହେରାଙ୍କର ଟିଣ ଛପର ଉଡାଇ ନେଇଛି। ବୈକୁଣ୍ଠ ଡାକୁଆଙ୍କ ଚାଳ ଛପର ଉପରୁ ପଲିଥିନ ମଧ୍ୟ ଉଡାଇ ନେଇଛି। ପାଣି ଭଣ୍ଡାର ଗାଁରେ ଅଧିକାଂଶ ଲୋକଙ୍କର ଟିଣ ଛପର, ଛାତ ଘର ଓ ଚାଳ ଘର କ୍ଷୟକ୍ଷତି ହୋଇଛି।

